ISSN -2583-147X (P), Vol.- 7, Issue No. XII, March 2022
**Bastabatara Pariprakash Prachee**
***Peer Reviewed and Referred Research Journal***

# ୧୯୮୦ ପରବର୍ତ୍ତୀ ନାଟକରେ ଚରିତ୍ରର ରୂପାନ୍ତରୀକରଣ

-ପ୍ରମୋଦିନୀ ସ୍ୱାଇଁ

ନାଟକର ଏକ ବିଶିଷ୍ଟ ଉପାଦାନ ହେଉଛି ଚରିତ୍ର । ଚରିତ୍ର ବିନା ନାଟକରେ ପୂର୍ଣ୍ଣତା ଆସେନାହିଁ । ଚରିତ୍ର ହିଁ ଘଟଣାରେ ରକ୍ତମାଂସ ଭରିଦେଇ ତାକୁ ଜୀବନ୍ତ କରିଦିଏ । ନାଟ୍ୟକାର ଦ୍ୱାରା ସଂପୂର୍ଣ୍ଣ ରୂପେ ନିୟନ୍ତ୍ରିତ ଏହି ଚରିତ୍ର ଗୁଡ଼ିକର ମାଧ୍ୟମରେ ହିଁ ନାଟକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପିତ ହୋଇଥାଏ । ତେଣୁ ନାଟକରେ ଚରିତ୍ର ଗୁରୁତ୍ୱପୂର୍ଣ୍ଣ । ଉଦ୍ଭବ କାଳରୁ ଆଜି ପର୍ଯ୍ୟନ୍ତ ଓଡ଼ିଆ ନାଟକ ବହୁ ପରିବର୍ତ୍ତନ ଦେଇ ଗତିକରିଛି । ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ଏହି ପରିବର୍ତ୍ତନ ପରିଲକ୍ଷିତ । ପୁରୁଣା ପରିତ୍ୟକ୍ତ ହୋଇଥିବା ବେଳେ ନୂତନତ୍ୱ ନାଟକର ଶରୀରକୁ ମଣ୍ଡନ କରିଛି । ବିଂଶ ଶତାବ୍ଦୀର ସପ୍ତମ ଦଶକର ଶେଷ ବେଳକୁ ଓଡ଼ିଆ ନାଟକରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି । ନାଟକରେ ବହୁ ନୂତନ ଆଙ୍ଗିକ ପ୍ରୟୋଗ କରାଯାଇଛି । ଏଥିମଧ୍ୟରୁ ଚରିତ୍ରର ରୂପାନ୍ତର ଅନ୍ୟତମ । ମଞ୍ଚ ଉପରେ ଗୋଟିଏ ଚରିତ୍ର ଅଭିନ୍ନ ପରିବେଶରେ ଅନ୍ୟ ଏକ ଚରିତ୍ରରେ ପରିବର୍ତ୍ତନ ହେବା ପ୍ରକ୍ରିୟା ହେଉଛି ଚରିତ୍ରର ରୂପାନ୍ତର । ପରିବର୍ତ୍ତିତ ପରିସ୍ଥିତିରେ ଆଧୁନିକ ମଣିଷ ଜୀବନର ମୂଲ୍ୟବୋଧ ଯେତେବେଳେ ସଂପୂର୍ଣ୍ଣ ରୂପେ ବଦଳିସାରିଛି, ସେତେବେଳେ ପାରମ୍ପରିକ ନାଟକର ଗତାନୁଗତିକ ଚରିତ୍ର ଜୀବନର ସଠିକ୍ ସ୍ୱରୁପ ନିର୍ଦ୍ଧାରଣ କରିବାରେ ଯେ ଅସମର୍ଥ ଏହା ଅନସ୍ୱୀକାର୍ଯ୍ୟ । ନବନାଟକର ବିଭିନ୍ନ ଚରିତ୍ରମାନେ ହିଁ କେବଳ ମନୁଷ୍ୟକୁ ତା'ର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ କରାଇବାରେ ସମର୍ଥ । ସ୍ୱଳ୍ପ ତଥା ସୀମିତ ଚରିତ୍ରକୁ ନେଇ ଯେଉଁ ଉଦ୍ଭଟ ନାଟକରେ ସୃଷ୍ଟି ହୋଇଥିଲା, ପାରମ୍ପରିକ ନାଟକର ଚରିତ୍ର ଭଳି ୧୯୮୦ ପରବର୍ତ୍ତୀ ସମୟର ନାଟକରେ ଚରିତ୍ରର ରୂପ ଆମେ ଦେଖିପାରୁନା ।ଏମାନଙ୍କର ବ୍ୟକ୍ତିତ୍ୱ ସର୍ବଦା ପରିବର୍ତ୍ତନଶୀଳ ।

ଆଧୁନିକ ମଣିଷର ନୂତନ ସଂଜ୍ଞା, ନୂତନ ପରିସ୍ଥିତି ଓ ନୂତନ ମାନସିକତାର ଉପଯୁକ୍ତ ପ୍ରଦର୍ଶନ ପାଇଁ ୧୯୮୦ କାଳର ନାଟ୍ୟକାରଗଣ ମଞ୍ଚକ୍ଷେତ୍ରରେ ନୂଆ ନୂଆ ଶିଳ୍ପବିଧିର ପ୍ରୟୋଗ ଆରମ୍ଭ କରିଛନ୍ତି । ବାସ୍ତବରେ ନୂତନ ମଞ୍ଚରୀତି ପ୍ରୟୋଗର ଆଦ୍ୟ ସଙ୍କେତ ପାରମ୍ପରିକ ମଞ୍ଚ ବା ପେଶାଦାର ମଞ୍ଚରେ ହିଁ ଦେଖାଦେଇଥିଲା । ମାତ୍ର ପ୍ରକୃତପକ୍ଷେ ୧୯୫୦ ମସିହା ପରେ କେତେକ ସୌଖିନ ନାଟ୍ୟସଂସ୍ଥା ଦ୍ୱାରା ନାଟକ କ୍ଷେତ୍ରରେ ନୂତନ ମଞ୍ଚଶୈଳୀ ପ୍ରୟୋଗ ଅଧିକ ସକ୍ରିୟ ହୋଇଉଠିଲା । ଏହି ସମୟରେ ନାଟକର ଅଙ୍କ-ଦୃଶ୍ୟ ସଂଖ୍ୟା ହ୍ରାସ ପାଇଲା, ମଞ୍ଚର ସାଜସଜ୍ଜା ହେଲା ଅତ୍ୟନ୍ତ ସରଳ । କ୍ରମଶଃ ମଞ୍ଚ ହେଲା ପ୍ରତୀକଧର୍ମୀ ଓ ଅଭିବ୍ୟକ୍ତିଧର୍ମୀ । ତେଣୁ ଦୃଶ୍ୟସଜ୍ଜା, ବେଶଭୂଷା ପ୍ରଭୃତି ବସ୍ତୁ ବହୁଳ ନହୋଇ ସରଳ ଓ ସଙ୍କେତଧର୍ମୀ ହେବାକୁ ଆରମ୍ଭକଲା ବିଂଶ ଶତାବ୍ଦୀର ସପ୍ତମ ଦଶକ ବେଳକୁ ଓଡ଼ିଆ ନାଟକରେ ଏହି ନୂତନ ମଞ୍ଚଶୈଳୀର ପ୍ରୟୋଗ ଦେଖିବାକୁ ମିଳେ ।

ନବଚେତନାଧର୍ମୀ ନାଟକରେ ମଞ୍ଚସଜ୍ଜା, ଆଲୋକ, ରୂପସଜ୍ଜା ପ୍ରଭୃତିକୁ ଯଥାସମ୍ଭବ କମ୍ କରିବାକୁ ଚେଷ୍ଟା କରାଯାଇଛି । ନାଟ୍ୟକାର ନିଜର ବକ୍ତବ୍ୟକୁ ସ୍ୱଳ୍ପ ସମୟ ଓ ସ୍ୱଳ୍ପ ବ୍ୟୟ ଭିତରେ ଉପସ୍ଥାପନ କରିବାକୁ ଆଗ୍ରହୀ । ଗତାନୁଗତିକ କୃତ୍ରିମ ଉପାଦାନକୁ କମ୍ କରିବା ସହିତ ନାଟ୍ୟକାର ଚରିତ୍ରର ରୂପାନ୍ତର ମାଧ୍ୟମରେ ଅଭିନେତାର ଆବଶ୍ୟକତାକୁ ମଧ୍ୟ କମାଇ ଦେବାକୁ ସକ୍ଷମ ହୋଇଛି । ଅଳ୍ପ ଅଭିନେତା ଅଧିକ ଚରିତ୍ରରେ ଅଭିନୟ କରିବା ଦ୍ୱାରା ବ୍ୟୟ ସଂକୋଚନ ମଧ୍ୟ ହୋଇଥାଏ । ଏହି ଧରଣର ନାଟକରେ ବାଚିକ ଓ ଆଙ୍ଗିକ ଅଭିନୟ ଉପରେ ଯେତିକି ଗୁରୁତ୍ୱ ଦିଆଯାଇଥାଏ,ଆହାର୍ଯ୍ୟ ଅଭିନୟ ଉପରେ ସେତିକି ଗୁରୁତ୍ୱ ଦିଆଯାଇନଥାଏ । ଆହାର୍ଯ୍ୟ ଅଭିନୟର ଗୁରୁତ୍ୱ ନ ଥିବାରୁ ଜଣେ ଅଭିନେତା ଅଭିନୟ ଏକାଧିକ ଚରିତ୍ରରେ ଅଭିନୟ କରୁଥିଲେ ମଧ୍ୟ ସାଧାରଣତଃ ସେମାନଙ୍କର ପୋଷାକରେ କୌଣସି ପରିବର୍ତ୍ତନ ଘଟିନଥାଏ । ପ୍ରାୟତଃ ସେମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମାନ ପୋଷାକ ପରିଧାନ କରିଥାଆନ୍ତି । ଏ କ୍ଷେତ୍ରରେ ଦର୍ଶକମାନେ ଭ୍ରମରେ ପଡ଼ିବା ସ୍ୱାଭାବିକ । ଦର୍ଶକମାନେ ହଠାତ୍ ଗୋଟିଏ ପୋଷାକରେ ଜଣେ ଅଭିନେତାର ଏକାଧିକ ଚରିତ୍ରକୁ ଗ୍ରହଣ କରିବା ସାମନ୍ୟ କଷ୍ଟ ହୋଇପାରେ । ଏପରିସ୍ଥଳେ ଅଭିନୟକାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତାକୁ ନିଜର ଅଭିନୟ, ସଂଳାପ, ଉଚ୍ଚାରଣ ଓ ଅଙ୍ଗଭଙ୍ଗୀ ମାଧ୍ୟମରେ ଅଭିନୀତ ଚରିତ୍ରଗୁଡ଼ିକ ମଧ୍ୟରେ ଭିନ୍ନତା ପ୍ରଦର୍ଶନ କରିବାକୁ ପଡ଼େ । ଜଣେ ଅଭିନେତା ବା ଅଭିନେତ୍ରୀକୁ ସର୍ବଦା ଏକପ୍ରକାର ଗୁଣଧର୍ମର ଚରିତ୍ର ପାଇଁ ଉପଯୋଗ କରାଯାଇନଥାଏ । ଫଳରେ ଜଣେ ଅଭିନେତା ଗୋଟିଏ ନାଟକରେ ଭିନ୍ନ ଭିନ୍ନ ପ୍ରକାର ଚରିତ୍ରରେ ଅଭିନୟ କରିପାରେ । ସେହିପରି ଜଣେ ଅଭିନେତା ଅଭିନୟ କରୁଥିବା ଏକାଧିକ ଚରିତ୍ରର ନାମ କେତେବେଳେ ସମାନ ରହିଥିବା ବେଳେ କେତେବେଳେ ଭିନ୍ନ ହୋଇଥାଏ ।

ନିଜର ବକ୍ତବ୍ୟ ପ୍ରକାଶ କଲାବେଳେ ନାଟ୍ୟକାର ପ୍ରତ୍ୟକ୍ଷ ଭାବେ ଆତ୍ମପ୍ରକାଶ କରିପାରେ ନାହିଁ । ଅଭିନେତା ଅଭିନେତ୍ରୀମାନେ ନାଟ୍ୟକାର ଦ୍ୱାରା ସୃଷ୍ଟ ଚରିତ୍ର ମାଧ୍ୟମରେ ନାଟକକୁ ଉପସ୍ଥାପନ

କରିଥାନ୍ତି । ସାଧାରଣତଃ ଗୋଟିଏ ଚରିତ୍ରର ଉପସ୍ଥାପନ ଜଣେ ଅଭିନେତା ଓ ଅଭିନେତ୍ରୀ ଦ୍ୱାରା କରାଯାଇଥାଏ । ନାଟ୍ୟକାର ଦ୍ୱାରା ପରିକଳ୍ପିତ ନାଟକର ରୂପାୟନ ଲାଗି ବହୁ ଚରିତ୍ରର ଆବଶ୍ୟକ ପଡିଥାଏ । ଚରିତ୍ରର ରୂପାନ୍ତର ମାଧ୍ୟମରେ ଗୋଟିଏ ଅଭିନେତା ଗୋଟିଏ ନାଟକରେ ଏକାଧିକ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଏ । ଗତାନୁଗତିକ ନାଟକରେ ସ୍ୱାଭାବିକତା ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଜଣେ ଅଭିନେତା ଏକାଧିକ ଭୂମିକାରେ ମଞ୍ଚପ୍ରବେଶ କରିପାରେ ନାହିଁ । ମାତ୍ର ଆଧୁନିକ ନାଟକ ହେଉଛି ବକ୍ତବ୍ୟ ପ୍ରଧାନ ନାଟକ । ନାଟ୍ୟକାର ଅଯଥା ନାଟ୍ୟମୋହ ସୃଷ୍ଟି ନ କରି ନିଜର ବକ୍ତବ୍ୟକୁ ପ୍ରଭାବଶାଳୀ ଭାବେ ଉପସ୍ଥାପନା କରିବା ଲାଗି ଆଗ୍ରହୀ । ନୂତନ ନାଟ୍ୟକୌଶଳ ଦ୍ୱାରା ଦର୍ଶକକୁ ମଞ୍ଚମାୟାରେ ଆତ୍ମବିସ୍ମୃତି ନ କରାଇ ବାରମ୍ବାର ନାଟ୍ୟବକ୍ତବ୍ୟ ବିଷୟରେ ସଚେତନ କରାଯାଏ । ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ମତରେ- "ଗୋଟିଏ ନିର୍ଦ୍ଦିଷ୍ଟ ପୋଷାକରେ ଜଣେ ଅଭିନେତା ବିଭିନ୍ନ ଚରିତ୍ରରେ ଅଭିନୟ କରିବାର ଅର୍ଥ, ସେମାନେ ଚରିତ୍ର ନୁହନ୍ତି, ବାଖ୍ୟାକାର ବା ସୂତ୍ରଧର । ଯାହା'ଳରେ ପରିସୀମା ଓ ଦିଗନ୍ତକୁ ବ୍ୟାପକ କରାଯାଇ ପାରିଛି । ତେଣୁ ଅଭିନେତାର ସ୍ୱାଭାବିକ ଗତିଶୀଳତା ପ୍ରତି ଦୃଷ୍ଟି ନ ଦେଇ, ପାଠକ ଓ ଦର୍ଶକମାନେ ନିର୍ଦ୍ଦିଷ୍ଟ ଦୃଶ୍ୟରେ କେଉଁ ଭୂମିକାରେ ଅଭିନୟ କରୁଛି ସଚେତନ ହେବେ ।"(୧) ଏହା 'ଳରେ ଦର୍ଶକ ନାଟ୍ୟରସାନୁଭୂତିଠାରୁ ଦୂରରେରହି ନାଟ୍ୟକାରର ବକ୍ତବ୍ୟକୁ ବୁଝିପାରିବ ।

## ଚରିତ୍ର ରୂପାନ୍ତରର କାରଣ :-

ନାଟକରେ ଗୋଟିଏ ଘଟଣାକୁ ଗତିଶୀଳ କରିବା ପାଇଁ ବାରମ୍ବାର ଘଟଣାର ପରିବର୍ତ୍ତନ ହେଲା । ନାଟକରେ ପୁରାଣ ଯୁଗର କାହାଣୀ ହଠାତ୍ ଚାଲିଆସୁଛି ବର୍ତ୍ତମାନର ସମାଜ ଜୀବନକୁ । ଏହା ମ୍ଧରେ ସମୟର ଦୂରତା ଶହ ଶହ ବର୍ଷ ରହିଲା । ଅତୀତକଥା ପୁରାଣ କାଳର ଘଟଣାକୁ ଆଣି ହଠାତ୍ ବର୍ତ୍ତମାନ କାଳର ଘଟଣା ସହିତ ଯୋଡ଼ିଦିଆଗଲା । ଏହା'ଳରେ ସମୟର ଦୂରତା ଆଉ ରହିଲାନାହିଁ । ତେଣୁ ରୂପାନ୍ତରର କାରଣ ହେଲା,ସମୟର ଦୂରତାକୁ କମ୍ କରିବାପାଇଁ ଏବଂ ଗୋଟିଏ ଦୃଶ୍ୟରୁ ଆଉ ଗୋଟିଏ ଦୃଶ୍ୟକୁ ଉପସ୍ଥାପନା କରିବାପାଇଁ । ନାଟକରେ ଯେତେବେଳେ ରୂପାନ୍ତର ହେଉଛି,ନାଟକରେ ଆଉ ପାରମ୍ପରିକ ନାଟକୀୟ ତ୍ରୟୀଐକ୍ୟକୁ ଗ୍ରହଣ କରାଯାଉନାହିଁ । ଏହିରୂପାନ୍ତରୀକରଣ ମାଧ୍ୟମରେ ନାଟ୍ୟବକ୍ତବ୍ୟକୁ ବ୍ୟଞ୍ଜନାତ୍ମକ ପ୍ରକାଶ କରିହେବ ଏବଂ ଏହି ରୂପାନ୍ତର ମାଧ୍ୟମରେ ନାଟକର ବକ୍ତବ୍ୟକୁ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ହେଲା ଏହାର ମୁଖ୍ୟ କାରଣ । ଉଦାହରଣ ନିଆଯାଇପାରେ, ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ 'କଂସର ଆତ୍ମା'ନାଟକରେ ପୁରାଣ ଯୁଗରେ କଂସ ଗୋଟିଏ ଅତ୍ୟାଚାରୀ ଥିଲା ଏବଂ ଏ ପର୍ଯ୍ୟନ୍ତ ମ୍ଧ ସମୂହ ମଣିଷ ଭିତରେ ଅଛି । ସମୂହ ମଣିଷ ଭିତରେ କଂସ ଗୋଟିଏ ଦୂରାଚାରୀ ଏବଂ ଅତ୍ୟାଚାରୀ ଚରିତ୍ର । ସେହି ଅନୁରୂପ ଗୋଟିଏ ଚରିତ୍ରଟିଏ ସୃଷ୍ଟି କରାଗଲା ବର୍ତ୍ତମାନ ସମୟରେ । ଅତ୍ୟାଚାରୀ କଂସ ନାମ ନଦିଆଯାଇ ଅନ୍ଧଲୋଚନ ଓ ଅନ୍ଧକ ଦିଆଯାଇଛି । ଅତ୍ୟାଚାରକୁ ଏହି ଚରିତ୍ର ମାଧ୍ୟମରେ ଦର୍ଶାଇଦିଆଗଲା ।ଯେ ଅତ୍ୟାଚାର ହିଁ ସତ୍ୟ । ସେତେବେଳେ ଥିଲା ଆଜି ମ୍ଧ ଅଛି । ମାତ୍ର ତାର ରୂପ ପରିବର୍ତ୍ତନ ହୋଇଛି । ଅତ୍ୟାଚର କେବେ ଜିତିଛି ତ କେବେ ସତ୍ୟ ଧର୍ମ ପାଖରେ ହାରିଛି । କିନ୍ତୁ ଲୋପ ପାଇନାହିଁ ।

## ରୂପାନ୍ତର ପାଇଁ ଆଙ୍ଗିକ କୌଶଳ ରୀତି :-

ଚରିତ୍ର ରୂପାନ୍ତରଣ ଏକ ନାଟ୍ୟ କୌଶଳ । ଯାହା ମଞ୍ଚରେ ସୂଚାରୁରୂପେ ହୋଇପାରେ । ତାହା ସ'ଳ ହୋଇଥାଏ ଦୃଶ୍ୟ ସଜ୍ଜାକୁ ପରିହାର କରି ମୁକ୍ତଧାରାକୁ ଗ୍ରହଣ କରିବା ହେତୁ । ନାଟକରେ ମିଥ୍ ପ୍ରୟୋଗ ଦ୍ୱାରା ନାଟକ ଏକ ଭିନ୍ନ ଧରଣର ସ୍ୱାଦ ବହନ କରିଥାଏ । ବହୁଚର୍ଚ୍ଚିତ କିମ୍ବଦନ୍ତୀ ବା କାହାଣୀକୁ ସିଧାସଳଖ ନନେଇ ସେଥିରେ ସାମାନ୍ୟ ମୋଡ ଦେଇ କଳାପୂର୍ଣ୍ଣ ଭାବରେ କରାଯାଇପାରିଲେ ମିଥ୍ ସ'ଳହୁଏ । ନାଟକରେ କାହାଣୀ କେଉଁଠି ସିଧାସଳଖ ପକ୍ଷବିସ୍ତାର କରିଛି ତ ପୁଣି କେଉଁଠି ଏହାକୁ ବୁଲେଇ ବଙ୍କେଇ ଉପସ୍ଥାପନା କରାଯାଉଛି । ତେଣୁ ଏହି ଧାରଣାକୁ ମିଥ୍ ଏବଂ ସବ୍-ମିଥ୍ କୁହାଯାଇପାରେ ।(୨)ନାଟକରେ ମୁଖ୍ୟତଃ ମିଥ୍‌କୁ ଗ୍ରହଣ କରାଯିବ,ଅର୍ଥାତ୍ ଗୋଟିଏ ମିଥ୍‌କୁ ନେବା,ମିଥ୍‌ର ପ୍ରସଙ୍ଗିକକୁ ଦେଖାଇବା ଏବଂ ତାକୁ ନେଇ ଆଧୁନିକ କାଳ ସହିତ ଯୋଡିବା । ମିଥ୍ ମ୍ଧମରେ ଏକାଧିକ ଘଟଣାର ପରିପ୍ରକାଶ କରାଯାଇଥାଏ । ଘଟଣା ସର୍ମ୍ପକରେ ସୂତ୍ରଧର ଆସି କହିପାରେ କିମ୍ବା ଚରିତ୍ର ଆସି କହିପାରେ । ଲୋକନାଟ୍ୟ ଶୈଳୀ ଯଥା ପାଲାରେ ସେଟ୍ ଡିଜାଇନ୍ ନହୋଇ ବଚନିକାରେ କରାହେଉଛି । ଏହି ଶୈଳୀଯୋଗୁ ଘଟଣା ହଠାତ୍ ଚାଲିଆସେ ପୁରାଣରୁ ବର୍ତ୍ତମାନକୁ । ବିଜୟ କୁମାର ଶତପଥୀଙ୍କ 'କର୍ଣ୍ଣ'ନାଟକକୁ ଉଦାହରଣ ଭାବେ ନିଆଯାଇପାରେ । ନାଟକରେ ମହାଭାରତ ଯୁଦ୍ଧର ଦୃଶ୍ୟ କର୍ଣ୍ଣର ରଥଚକ ମେଦିନୀ ଗ୍ରାସକଲାବେଳେ ହଠାତ୍ ଗୋଟିଏ ଇଣ୍ଟରଭିୟୁ ସିନ୍ । ସୂର୍ଯ୍ୟପ୍ରକାଶ ଚରିତ୍ରଟି ଇଣ୍ଟରଭିୟୁ ଦେଲାବେଳେ 'େଲ୍ ମାରିବା । ତେଣୁ ଭିନ୍ନ ଭିନ୍ନ ଘଟଣାକୁ ଯୋଡି ଦିଆଯାଉଛି । ନାଟକରେ ଘଟଣାର ରୂପାନ୍ତର ହେଲେ ଚରିତ୍ରଗଡିକ ମ୍ଧ ବଦଳିବା ସ୍ୱାଭାବିକ । ଚରିତ୍ର ରୂପାନ୍ତରଣର ସବୁଠୁ ବଡ କଥାହେଲା,ଯେ କୌଣସି ଚରିତ୍ର ପୌରାଣିକ ଚରିତ୍ର ମ୍ଧ ଆଧୁନିକ ଚରିତ୍ର ହୋଇପାରେ ବା କିମ୍ବଦନ୍ତୀର ଚରିତ୍ର ବର୍ତ୍ତମାନ ହୋଇପାରେ । କିନ୍ତୁ ସେ ସେହି ସମାନ ଗୁଣ ନେଇକି ଆସିବ ବୋଲି ମାନେନାହିଁ । ତେଣୁ ୧୯୮୦ ପରେ ନାଟକର କାହାଣୀକୁ ଅଧିକ ବ୍ୟାପକ ଶକ୍ତିଶାଳୀ କରିବା ପାଇଁ ଚରିତ୍ରମାନେ ବର୍ତ୍ତମାନଶୀଳ ହୋଇଛନ୍ତି ଏବଂ ୧୯୮୦ ପରେ ଅଧିକ ମାତ୍ରାରେ ପ୍ରୟୋଗ ହୋଇଛି ଏହି ଚରିତ୍ରର ରୂପାନ୍ତର କୌଶଳ ।

## ଚରିତ୍ରର ରୂପାନ୍ତର: ସ୍ୱାଧୀନତା ପରବର୍ତ୍ତୀ ଓଡିଆ ନାଟକ :-

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଚରିତ୍ରର ରୂପାନ୍ତର ବିଜୟ ମିଶ୍ରଙ୍କ'ଦୁଇଟି ସୂର୍ଯ୍ୟଦଗ୍ଧ ଫୁଲକୁ ନେଇ'(୧୯୭୨)ନାଟକରେ ପ୍ରଥମେ ଏହାର ସଫଳ ପ୍ରୟୋଗ ଦେଖିବାକୁ ମିଳେ । ଏଥିରେ ଦୁଇଟି ଚରିତ୍ର ରାଜା ଓ ରାଣୀ । ସେମାନେ ଭିନ୍ନ ଆଠଟି ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି । ହତାଶ ଓ ନୈରାଶ୍ୟର କଥା କୁହାଯାଇଛି । ରତ୍ନାକର ଚଇନିଙ୍କ'ପୁନଶ୍ଚ ପୃଥିବୀ'ନାଟକରେ ପୁରାଣର କୃଷ୍ଣ, ଯୁଧିଷ୍ଠିର, ଭୀମ, ଅର୍ଜୁନ, ସହଦେବ, ନକୁଳ ଆଦିଙ୍କୁ ଦେଖିବାକୁ ମିଳେ । କିନ୍ତୁ ସେମାନଙ୍କ ମାନସିକତା ଆଧୁନିକ ପର୍ଯ୍ୟାୟର । କର୍ତ୍ତବ୍ୟ ଏବଂ ସର୍ମ୍ପକର ଦ୍ୱନ୍ଦ୍ୱ ଏଥିରେ ଚମତ୍କାର ଭାବେ ରୂପ ନେଇଛି । ପ୍ରତ୍ୟେକ ଚରିତ୍ରର ଅର୍ନ୍ତଦ୍ୱନ୍ଦ୍ୱ ଲକ୍ଷଣୀୟ । ଗୋଟିଏ ପରିବାର କଥା କୁହାଯାଇଛି । ମା' ଭାରତୀ, ଯୁଧିଷ୍ଠିର ଏଠି ବିଚାରପତି, ଭୀମ ପୋଲିସ୍, ଅର୍ଜୁନ ମନ୍ତ୍ରୀ, ନକୁଳ ଡାକ୍ତର, ସହଦେବ ବିପ୍ଲବୀ, ଅଭିମନ୍ୟୁ ଛାତ୍ର କୃଷ୍ଣ ଏଠାରେ ଭିଲିଏନ୍ ଏବଂ ବଳରାମ ମଧ୍ୟ ବିପ୍ଲବୀ । ପ୍ରାଚୀନ ମୂଲ୍ୟବୋଧକୁ ସାମ୍ପ୍ରତିକ ସମାଜ ବ୍ୟବସ୍ଥା ମଧ୍ୟରେ ଚମତ୍କାର ଭାବେ ସନ୍ତୁଳନ କରାଯାଇଛି । ପୁରାଣର ମିଥ୍ ଏଠି ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟ କରିନି । ତେବେ ଚରିତ୍ରଗୁଡିକର କେତେକ ମାନସିକତା କେତେକ ପରିମାଣରେ ସଂଘର୍ଷ କରିଛି । ଡ. ହେମନ୍ତ କୁମାର ଦାସଙ୍କ ମନ୍ତବ୍ୟ ଏ କ୍ଷେତ୍ରରେ ଗ୍ରହଣୀୟ-"ପୁନଶ୍ଚ ପୃଥିବୀ ସମସାମୟିକ ସମାଜ ଜୀବନରେ ଏକ ମିଥ୍‌ଧର୍ମୀ ବିଶ୍ଳେଷଣ, ଯେଉଁଠି ଜୀବନ ପ୍ରତି ରଖାଯାଇଛି ଏକ ଶାଣିତ ଦୃଷ୍ଟି ।"(୩)ଏହାପରେ କାର୍ତ୍ତିକ ରଥଙ୍କର 'ବହ୍ନିମାନ'(୧୯୭୫) ନାଟକରେ ଚରିତ୍ର ରୂପାନ୍ତର ପରିଲକ୍ଷିତ । ବହ୍ନିମାନ ନାଟକରେ ପ୍ରସ୍ତାବନା ଓ ନିର୍ବହଣ ବ୍ୟତୀତ ଚାରୋଟି ଅଧ୍ୟାୟ ରହିଛି । ବିଭିନ୍ନ ଅଧ୍ୟାୟରେ ଯଥାକ୍ରମେ ରାଜା, ଜମିଦାର, ପ୍ରଜାପତି ଓ ଯନ୍ତ୍ରକାରଙ୍କର ଶୋଷଣର ଚିତ୍ର ପ୍ରଦର୍ଶିତ । ପ୍ରତ୍ୟେକ ଗୋଷ୍ଠୀର ପ୍ରତୀକାତ୍ମକ ଚରିତ୍ରକୁ ଜଣେ ଅଭିନେତା ବା ଅଭିନେତ୍ରୀ ଅଭିନୟ କରିବାର ସୁଯୋଗ ନାଟକରେ ରହିଛି । ସମାଜର ପରିବର୍ତ୍ତନ,ନାଟକର ପରିବର୍ତ୍ତନ ଏହି ଦୁଇଟି ସମସଭାବରେ ରହି ତା'ସହିତ ଚରିତ୍ରଗୁଡିକ ବଦଳି ଯାଉଛନ୍ତି ।

ରମେଶ ପ୍ରସାଦ ପାଣିଗ୍ରାହୀଙ୍କ'ଶେଷ ପାହାଚ'(୧୯୭୮)ନାଟକରେ ଯେଉଁ ଚରିତ୍ର ରୂପାନ୍ତର ଦେଖାଯାଇଛି ତାହା ରୂପାନ୍ତର ଶୈଳୀ ବହ୍ନିମାନଠାରୁ ଭିନ୍ନ । ଏଥିରେ ଜଣେ ଅଭିନେତା ତିନୋଟି ପାହାଚରେ ତିନୋଟି ଭିନ୍ନ ଭିନ୍ନ ଗୁଣସମ୍ପନ୍ନ ଚରିତ୍ରରେ ରୂପାନ୍ତରିତ ହୋଇଛି । ବିଜୟ କୁମାର ଶତପଥୀଙ୍କର'କଂସର ଆତ୍ମା' ବହ୍ନିମାନ ପରି ସମୟ ଓ ପରିବେଶର ପରିବର୍ତ୍ତନରେ ଭାବବସ୍ତୁ ଓ ଚରିତ୍ର ସମାନ ଥାଇ,କଥାବସ୍ତୁରେ ପରିବର୍ତ୍ତନ ଘଟିଛି । ଦୁଇଅଙ୍କ ବିଶିଷ୍ଟ ଏହି ନାଟକର ପ୍ରଥମ ଅଙ୍କରେ ରାଜତନ୍ତ୍ରର ଚିତ୍ର ରହିଥିବା ବେଳେ ଦ୍ୱିତୀୟ ଅଙ୍କରେ ଗଣତନ୍ତ୍ରର ଚିତ୍ର ରହିଛି । ପ୍ରଥମ ଅଙ୍କର ସମସ୍ତ ଚରିତ୍ର ଦ୍ୱିତୀୟ ଅଙ୍କରେ ଉପସ୍ଥିତ । ସେମାନଙ୍କର ନାମ ଓ ବୃତ୍ତିରେ ପରିବର୍ତ୍ତନ ଘଟିଲେ ମଧ୍ୟ ଗୁଣ ଓ କାର୍ଯ୍ୟ କଳାପ ସମାନ ରହିଛି ।'ବହ୍ନିମାନ'ପରି ଏହି ନାଟକରେ ଶୋଷକର ଶୋଷଣ ଓ ଶୋଷିତର ଅସହାୟତା କିପରି ସମୟର ପରିବର୍ତ୍ତନ ମଧ୍ୟ ସମାନ ରହିଛି, ତାହାର ଚିତ୍ରଣ କରାଯାଇଛି । ଏହି ନାଟକ ଷୋହଳଟି ଚରିତ୍ର ବିଶିଷ୍ଟ । ଏଥିରେ ଜଣେବ୍ୟକ୍ତି ଦୁଇଟି ଚରିତ୍ରରେ ଅଭିନୟ କରିପାରିବାର ନିର୍ଦ୍ଦେଶ ଦିଆଯାଇଛି । ପ୍ରଥମ ଅଙ୍କରେ ରାଜାଅନ୍ଧକ, ମନ୍ତ୍ରୀ ଚତୁରାକ୍ଷ, ବୟସ୍ୟ, ରକ୍ଷୀ, ସତ୍ୟବ୍ରତ, ଧର୍ମପାଳ, ଦ୍ୱିତୀୟ ପରିଷଦ, ତୃତୀୟ ପାରିଷଦ ପ୍ରଭୃତି ଦ୍ୱିତୀୟ ଅଙ୍କରେ ଯଥାକ୍ରମେ ଶିଳ୍ପପତି ଓ ନେତା ଅନ୍ଧଲୋଚନ,ରାଜନୀତି ଓ ଶିଳ୍ପ କ୍ଷେତ୍ରରେ ଅନ୍ଧଲୋଚନଙ୍କ ସହକର୍ମୀ, ମ୍ୟାନେଜର, କନେଷ୍ଟବଳ, ସତ୍ୟବ୍ରତ, ଧର୍ମପାଳ,ପୋଲିସ ଅଫିସର ଓ ଫ୍ୟାକ୍ଟ୍ରି କର୍ମଚାରୀ ଭାବରେ ଆତ୍ମପ୍ରକାଶ କରିଛନ୍ତି । ଏଥିରେ ଧର୍ମପାଳ ଓ ସତ୍ୟବ୍ରତ ଚରିତ୍ରଦୁଇଟିର ନାମ ଦୁଇଟି ଅଙ୍କରେ ଅପରିବର୍ତ୍ତିତ ରହିଛି । ଏହାର କାରଣ ସର୍ମ୍ପକରେ ନାଟ୍ୟକାର କହିଛନ୍ତି-"ଦ୍ୱିତୀୟ ଅଙ୍କରେ ଅନ୍ୟଚରିତ୍ର ଭଳି ଧର୍ମପାଳ ଓ ସତ୍ୟବ୍ରତଙ୍କ ନାମରେ ପରିବର୍ତ୍ତନ କରାଯାଇନି । କାରଣ ସାଧାରଣ ଜନତା ଯୁଗେ ଯୁଗେ ତାଙ୍କ ପରି । ଅତ୍ୟାଚାର ବିରୁଦ୍ଧରେ ବିପ୍ଳବ ଯେ ସବୁବେଳେ ସଫଳ ହୁଏ ସେକଥା ନୁହେଁ, ବେଳେ ବେଳେ ଏହାକୁ ମଧ୍ୟ ଚପାଇ ଦିଆଯାଏ । ନାଟକରେ ଦୁଇଟି ଅଙ୍କରେ ଏହା ପ୍ରତିପାଦିତ ହୋଇଛି ।"(୪)ଧର୍ମପାଳ ଓ ସତ୍ୟବ୍ରତ ଚରିତ୍ର ଦ୍ୱୟ ସତ୍ୟକୁ ଆଶ୍ରୟକରି ସମୂହର ସ୍ୱାର୍ଥ ରକ୍ଷା କରୁଥିବାରୁ ସେମାନଙ୍କର କୌଣସି ପରିବର୍ତ୍ତନ ଘଟିନାହିଁ, ଦୁହେଁ ସାଧାରଣ ମଣିଷ ବା ସର୍ବହରାର ପ୍ରତିନିଧି ଭାବେ ଦେଖା ଦେଇଛନ୍ତି ।

'କଂସର ଆତ୍ମା'(୧୯୮୦)ନାଟକର ପ୍ରଥମ ଅଙ୍କର ଚରିତ୍ର ଗୁଡିକ ଐତିହାସିକ ପଟ୍ଟଭୂମିରୁ ହଠାତ୍ ଓହ୍ଲାଇ ଆସିଛନ୍ତି ଆଧୁନିକ ସମାଜକୁ । ଶୋଷକର ପ୍ରତୀକ ରାଜା ଅନ୍ଧକ ରୂପାନ୍ତରିତ ହୋଇଛି ଅନ୍ଧଲୋଚନରେ । ଏଠାରେ ଜଣେ ଅଭିନେତା ଦୁଇଟି ସମାନ ଗୁଣ ବିଶିଷ୍ଟ ଚରିତ୍ରରେ ଅଭିନୟ କରିବା ଦ୍ୱାରା ଦର୍ଶକ ଦୁଇଟି ଚରିତ୍ର ମଧ୍ୟରେ ତୁଳନାତ୍ମକ ବିଚାର କରିବା ସମୟରେ ନାମ,ପରିବେଶ କିମ୍ବା ପୃଷ୍ଠଭୂମି କୌଣସି ପ୍ରତିବନ୍ଧକ ସୃଷ୍ଟି କରିପାରେ ନାହିଁ । ତେଣୁ 'ଅତୀତ ସହିତ ବର୍ତ୍ତମାନର ସମ୍ବନ୍ଧ ସ୍ଥାପନ ଓ ଅଭିନ୍ନତା ପ୍ରଦର୍ଶନ'-ଏହି ଉଦ୍ଦେଶ୍ୟଟି ସାର୍ଥକ ହୋଇପାରୁଛି ।

## ୧୯୮୦ ପରବର୍ତ୍ତୀ ନାଟକରେ ଚରିତ୍ରର ରୂପାନ୍ତର :-

ନାଟ୍ୟକାର ରତିମିଶ୍ରଙ୍କ'ହଂସ ଶିକାର', 'ସୀତା','ତାଞ୍ଜଲ୍ୟକର', 'ସଂରକ୍ଷିତ'ପ୍ରଭୃତି ନାଟକରେ ଚରିତ୍ରର ରୂପାନ୍ତର ପରିଲିକ୍ଷିତ । 'ହଂସଶିକାର'ରେ ଦେଖାଯାଇଛି ଯେ, ସପ୍ତଉର୍ବଶୀ ଅପେରା ନାମକ ଥିଏଟର୍ ଦଳ ଗୋଟିଏ ମଞ୍ଚ ଉପରେ ନାଟକ ପରିବେଷଣ କରିଛନ୍ତି । ସେମାନେ ପ୍ରଥମେ ସୟତାନର

ଅଭିଶାପ ଓ ମହିଷାସୁର ବଧ ନାମକ ଦୁଇଟି ଅସଂପୂର୍ଣ୍ଣ ନାଟକ କରିବା ପରେ ହଂସଶିକାର ନାମକ ନାଟକଟି ସଂପୂର୍ଣ୍ଣ ଅଭିନୟ କରିଛନ୍ତି । ପ୍ରଥମ କାଳ୍ପନିକ ନାଟକରେ ରଞ୍ଜିତ ଓ ନିୟତି,ଦ୍ୱିତୀୟ ପୌରାଣିକ ନାଟକରେ ମହିଷାସୁର ଓ ମହାମନ୍ତ୍ରୀ ଏବଂ ତୃତୀୟ ନାଟକରେ ଛାତ୍ର-୨ ଓ ଛାତ୍ର-୩ରେ ରୂପାନ୍ତରିତ । ପ୍ରଥମେ କାଳ୍ପନିକରେ ରଞ୍ଜିତ ମହିଷାସୁରବଧରେ ମହିଷାସୁର ଅଭିନୟ କରିଛି । (ରଞ୍ଜିତ୍ ସେହି ପୋଷାକରେ ମହିଷାସୁର ପରି ପ୍ରବେଶ । ଠିକ୍ ପରେ ପରେ ମଞ୍ଚରେ ପଦଚାରଣ)

ମହିଷା :-ହାଃ, -ହାଃ, -ହାଃ/କେ ଅଛରେ କେଉଁଠି/ବାର୍ତ୍ତା ଦିଅ ମନ୍ତ୍ରୀଙ୍କୁ ମୋହର,/ତୁରନ୍ତ ମିଳନ୍ତୁ ଆସି ମହିଷାସୁର ଛାମୁର । (ପୃଷ୍ଠା -୭୦)

ମହିଷାସୁର, ମହାମନ୍ତ୍ରୀ ଓ ଶୁମ୍ଭ ତୃତୀୟ ନାଟକରେ ଛାତ୍ର-୧, ଛାତ୍ର-୨ଓ ଛାତ୍ର-୩ ଚରିତ୍ରରେ ରୂପାନ୍ତରିତ ହୋଇ ମହାତ୍ମା ଗାନ୍ଧୀଙ୍କର ପ୍ରସିଦ୍ଧି ତିନି ମାଙ୍କଡଙ୍କର ଅଭିନୟ କରିଛନ୍ତି ।

ଛାତ୍ର ୨:-ମୁଁ ଖରାପ କଥା ଦେଖିବି ନାହିଁ । ମହାତ୍ମା ଗାନ୍ଧୀକି ଜୟ ।/ ଛାତ୍ର ୩:-ମୁଁ ଖରାପକଥା ଶୁଣିବି ନାହିଁ । ମହାତ୍ମା ଗାନ୍ଧିକି ଜୟ । / ଛାତ୍ର ୧:- ମୁଁ ଖରାପ କଥା କହିବି ନାହିଁ । ମହାତ୍ମା ଗାନ୍ଧୀକି ଜୟ । (ପୃଷ୍ଠା -୮୦)

'ସଂରକ୍ଷିତ'ନାଟକଟି ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣକୁ ନେଇ ଦେଖାଦେଇଥିବା ସମସ୍ୟାକୁ ନେଇ ରଚିତ । ଏହା ଏକ କାଳ୍ପନିକ ରାଜନୈତିକ ନାଟକ । ସ୍ଥାନ ସଂରକ୍ଷଣର ସପକ୍ଷ ଓ ବିପକ୍ଷରେ ଥିବା ଗୋଷ୍ଠୀଙ୍କ ମଧ୍ୟରେ ଦେଖାଯାଇଥିବା ସଂଘର୍ଷ ଏଥିରେ ସ୍ଥାନିତ । ଏଥିରେ ଗାୟକ ଓ ନାଟ୍ୟକାର ଚରିତ୍ର ବ୍ୟତୀତ ଆଠଗୋଟି ଚରିତ୍ର ରହିଛି । ଯଥା-ପ୍ରଜା-୧, ପ୍ରଜା-୨, ପ୍ରଜା-୩, ପ୍ରଜା-୪, ପ୍ରଜା-୫, ପ୍ରଜା-୬, ପ୍ରଜା-୭ ଓ ପ୍ରଜା-୮ । ଗାୟକ ଓ ନାଟ୍ୟକାର ପ୍ରଥମେ ଦର୍ଶକମାନଙ୍କୁ ନାଟକର କଥାବସ୍ତୁ ସମ୍ପର୍କରେ ସୂଚନା ଦେବାପରେ ଗାୟକ ମୁଖ୍ୟମନ୍ତ୍ରୀ ଚରିତ୍ରରେ ପରିବର୍ତ୍ତିତ ହେଇଛି ।

ଗାୟକ :-ଏଁ ମେଜରିଟି ହେଇଗଲା... ଦରକାର....ଓଃ... ଜମା ତିନିଟା ହେଲେ ଟୁ ଆର୍ଡ ହୋଇଯିବ ହଁ.. ହଁ..ହଁ../ ମୁଁ ମୋ ଲିଷ୍ଟ ତିଆରି କରିଦେଇଛି ।କାଲି ସକାଳେ ହାଇକମାଣ୍ଡକୁ ଭେଟିବି । ଲିଷ୍ଟ୍ ଆପ୍ରୁଭ୍/ ହୋଇଗଲେ, ପଅରଦିନ ୧୦ଟାରେ ଶପଥ ଗ୍ରହଣ । ଆରେ ତମେ ନିଶ୍ଚୟ ଅଛ...ହେଃ..ହେଃ.. । (ପୃଷ୍ଠା -୩୭୮)

ସେହିପରି ଏଥିରେ ଥିବା ଆଠଗୋଟି ପ୍ରଜା ଚରିତ୍ର ଆବଶ୍ୟକତା ଅନୁସାରେ ଭିନ୍ନ ଭିନ୍ନ ଚରିତ୍ରରେ ରୂପାନ୍ତରିତ ହୋଇ ନାଟକର ସମସ୍ୟାକୁ ପ୍ରକାଶ କରିଛନ୍ତି । ଚରିତ୍ରମାନେ କେଉଁଠି ସଭାର ଶ୍ରୋତା ହୋଇଛନ୍ତି ତରାଜନୀତିର ବିପକ୍ଷଦଳରେ ରହି ଗଣ୍ଡଗୋଳର ଉତ୍ତେଜନା ସୃଷ୍ଟି କରିଛନ୍ତି । ଅଭିନେତାମାନେ ପୁଣି କେଉଁଠି ଦର୍ଶକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହେଉଛନ୍ତି ତ କେଉଁଠି ଭୋଟ୍ ଗ୍ରହଣ କେନ୍ଦ୍ରର ଦୃଶ୍ୟ ପାଇଁ ଚରିତ୍ର ଧାଡିହୋଇ ଛିଡା ହୋଇଛନ୍ତି । ପ୍ରଜା-୫ ଜଣେ ନେତା ହୋଇ ଖବର କାଗଜ ପଢିଛନ୍ତି । ଆବଶ୍ୟକ କ୍ରମେ ପ୍ରଜା-୩ ଜଣେ ସ୍କୁଲ୍ ଶିକ୍ଷକ ଓ ଅନ୍ୟଦୁଇଜଣ ଛାତ୍ର ହୋଇ ଅନୁନ୍ନତ ଲୋକମାନଙ୍କୁ ଉନ୍ନତ ଲୋକମାନଙ୍କ ସମକକ୍ଷ କରାଇବା ପାଇଁ ସମସ୍ତ ସୁବିଧା ସୁଯୋଗ କିପରି ଦିଆଯିବା ଦରକାର ସେ ସମ୍ପର୍କରେ ଛାତ୍ରଙ୍କୁ କହିଛନ୍ତି ।

'ସୀତା'ପୃଷ୍ଠଭୂମି ସଂଗଠିତ ହୋଇଛି ଲୋକକାହାଣୀରୁ । ରୂପକଥାର ଚାରିବନ୍ଧୁ ରାଜାପୁଅ,ମନ୍ତ୍ରୀ ପୁଅ,କଟୁଆଳ ପୁଅ,ବଢେଇ ପୁଅ ଆଧୁନିକ ସମାଜର ପରିବେଷ୍ଟନୀ ଭିତରକୁ ପଶିଆସି ନିଜର ଅସ୍ତିତ୍ୱ ଖୋଜି ବୁଲୁଛନ୍ତି । ଠିକ୍ ସେହିପରି ଚାରିଜଣ ବେକାର୍ ଯୁବକ ସୀତାକୁ ପାଇବାକୁ ଯାଇ ସଂଗ୍ରାମ କରି ଶେଷରେ ହାରିଛନ୍ତି । ସୀତା ବନ୍ଦୀ ହୋଇ ରହିଯାଇଛନ୍ତି ଅଶୋକ ବନରେ । ନାଟକର ସୀତା ରାମାୟଣ ସୀତା ନୁହେଁ । ସେ ଏକ ମୂଲ୍ୟବୋଧ ଯିଏକି ରୂପାନ୍ତରହୋଇପାରେ କାଠଗଣ୍ଡିରୁ ଜୀବନ୍ତ ପ୍ରତିମାକୁ । ପୁଣି ଜୀବନ୍ତ ପ୍ରତିମାରୁ କାଠଗଣ୍ଡିକୁ । ସୀତାର ପ୍ରତୀକାତ୍ମକ ଉପସ୍ଥାପନ ବେଶ୍ ଚମତ୍କାର । ଗୁରୁଦେବ ସାର୍ ଭାବରେ ବ୍ରହ୍ମଦତ୍ତ ପ୍ରକାଶ,ମନ୍ଦରଦେବ ବିକାଶ,ସମରସେନ ନରେନ୍ଦ୍ର,ଜଗନ୍ନାଥ ନିରଞ୍ଜନ ପ୍ରଭୃତି ଚରିତ୍ରରେ ରୂପାନ୍ତରିତ । (ମଞ୍ଚରେ ପରିବର୍ତ୍ତନ ମାଧ୍ୟମରେ ସମୟ ପରିବର୍ତ୍ତନର ସୂଚନା । ଏପରିକି ଚାରିବନ୍ଧୁଙ୍କର ପୋଷାକ ସେଇଠି ପରିବର୍ତ୍ତିତ ହୁଏ । ସେମାନେ ଆଧୁନିକ ଯୁବକ ହୁଅନ୍ତି ଏବଂ ସେମାନଙ୍କରନାଁଯଥାକ୍ରମେ-ପ୍ରକାଶ, ବିକାଶ, ନରେନ୍ଦ୍ର ଓ ନିରଞ୍ଜନ । ଆଲୋକ ଆସିଲାବେଳକୁ ସେମାନେ ବନ୍ଦୀ ଅବସ୍ଥାରେ ମଞ୍ଚରେ ।) ପ୍ରଥମେ ରାଜା ଭୂମିକାରେ ଅବତୀର୍ଣ୍ଣ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଜଜ୍ ଚରିତ୍ରରେ ରୂପାନ୍ତରିତ, -ରାଜା :- (ଜଜ୍) !ଅର୍ଡର...ଅର୍ଡର... ଆସାମୀ ଅନ୍ୟଜଣଙ୍କ ବକ୍ତବ୍ୟ ମଝିରେ କିଛି କହିପାରିବେ ନାହିଁ,/ତାଙ୍କୁ ସେଥିପାଇଁ ଅଲଗାସୁଯୋଗ ଦିଆଯିବ । ଇୟେସ୍ -ସର୍କାରୀପକ୍ଷର ଓକିଲ-ଗୋଅନ୍ । (ପୃଷ୍ଠା-୧୧୩)

'ଚାଞ୍ଚଲ୍ୟକର'ନାଟକଟି ମିଥ୍ ସଂଗୃହୀତ ହୋଇଛି ଇତିହାସ ଓ ସମସାମୟିକ ସମାଜରୁ । କଳାପାହାଡ କିମ୍ବଦନ୍ତୀରୁ ନାଟକ ଆରମ୍ଭ ହୋଇ ଶେଷ ହେଉଛି ଏକ ସମସାମୟିକ ପ୍ରଶ୍ନବାଚୀରେ । ଇତିହାସର କଳାପାହାଡ ଏଠାରେ ମହାକାଳର ପ୍ରତୀକ ରୂପେ ଚିତ୍ରିତ ହୋଇଛି । କଳାପାହାଡ଼ ପୁଣି ଜାତୀୟ ଜୀବନର ବିବେକ ରକ୍ଷକ । ଜାତୀୟ ଜୀବନର ଘୋର ଦୁର୍ଦ୍ଦିନ,ଧର୍ମ ଆଉ ରାଜନୀତିର ପଶାଖେଳରେ ଦେଶର ସାଧାରଣ ମଣିଷର ଦୁର୍ଦ୍ଦଶା ନାଟ୍ୟକାରଙ୍କୁ ବ୍ୟଥିତ କରିଛି । ସେ ଚିନ୍ତା କରିଛନ୍ତି,ଏ ଜାତି ନଂପୁସକ ହୋଇଗଲେ ସମସ୍ତ ସମସ୍ୟାରୁ ମୁକ୍ତ ହୋଇଯିବ । କାରଣ ତାହାଦ୍ୱାରା ଅର୍ଥଲିପ୍ସା ଓ ଦେହଲିପ୍ସାକୁ ନେଇ ଯେଉଁ

ଚିରାଚରିତ ସମସ୍ୟା ଦେଖାଦେଉଛି, ସେତକ ବିଲୁପ୍ତ ହୋଇଯିବ । ରାଜନୀତିଜ୍ଞ-ନେତା କଳାପାହାଡ଼କୁ ଧ୍ୱଂସ କରିବାର ଏକ ଚକ୍ରାନ୍ତ କରି ଶେଷରେ ତାହାରି ଦ୍ୱାରା ନିହତ ହେଉଛି । ରାଜକର୍ମଚାରୀ୧-ପୋଲିସ, ଅରୁଣ, ରାଜକର୍ମଚାରୀ୨- ପୋଲିସ, ପ୍ରଫେସର, ରାଜକର୍ମଚାରୀ ୩-ବାବା ପ୍ରେମାଞ୍ଜନ, ଗଙ୍ଗାଧର, ବିଜୁଳି, ଇନ୍ଦ୍ରଧନୁ, ନିଧିଆ,ପରିଆ,ରାଧାଙ୍କୁ ନେଇ ଚରିତ୍ରର ରୂପାନ୍ତର ଓ ଏହାସହିତ ନାଟକଟି ଗତିଶୀଳ ହୋଇଛି ।

ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ 'ଏଇ ଯେ ସୂର୍ଯ୍ୟ ଉଏଁ'ନାଟକରେ ଶାସନତନ୍ତ୍ରର ପରିବର୍ତ୍ତନ ଦେଖାଯାଇଛି । ରାଜତନ୍ତ୍ର ଓ ଗଣତନ୍ତ୍ରକୁ ନେଇ ଦୁଇଟି ଅଙ୍କ ଗତିଶୀଳ । ଯେ ପ୍ରଥମ ଅଙ୍କରେ ବିରାଦିତ୍ୟ,ମନ୍ତ୍ରୀ ଚଣ୍ଡାଦିତ୍ୟ, ସେନାପତି ସୂର୍ଯ୍ୟସେନ,ବିଦୂଷକ ବୈଲୋଚନ,୧ପାରିଷଦ,୨ୟ ପାରିଷଦ, ବିଦ୍ରୋହୀ ନେତା ସାଧୁଚରଣ, କବିଶ୍ରୀକଣ୍ଠ,ମାଳବିକା,ରାଣୀ କାଦମ୍ବିନୀ ଓ ରକ୍ଷୀ ଦ୍ୱିତୀୟ ଅଙ୍କରେ ଯଥାକ୍ରମେ ଶିଳ୍ପପତି ଆଦିତ୍ୟପ୍ରତାପ, ମ୍ୟାନେଜର, ଇନ୍ସପେକ୍ଟର, ସରପଞ୍ଚ, ଲୋଚନ, ମନାଧାତା, ଜୟୀ, ବିଧାୟକ, ସାଧୁଚରଣ, କଣ୍ଠଦାସ, ମାଳତୀ, କାମିନୀ, କନେଷ୍ଟବଳ ପ୍ରଭୃତି ଚରିତ୍ରରେ ଅଭିନୟକରିଛନ୍ତି । ଏହି ପରିବର୍ତ୍ତନ ଫଳରେ ପୂର୍ବବର୍ତ୍ତୀ ଓପରିବର୍ତ୍ତିତ ଚରିତ୍ର ଗୁଣ ସମାନଥାଏ । ନାଟକର ପ୍ରଥମ ପର୍ବରେ ମହାମନ୍ତ୍ରୀ ବିରାଦିତ୍ୟର ସମସ୍ତ ଆଜ୍ଞାକୁ ପାଳନ କରିବା ସହିତ ରାଜାଙ୍କ ହଁରେ ହଁ ମିଶାଇଛି, ସେହିପରି ଦ୍ୱିତୀୟ ପର୍ବରେ ଶିଳ୍ପପତି ଆଦିତ୍ୟଙ୍କ ପ୍ରତ୍ୟେକଟି କଥାରେ ଲୋଚନ ସହମ୍ମତି ଜଣାଇଛି ।

ଆଦିତ୍ୟ:-ନା ନା ଲୋଚନବାବୁ ମୁଁ ସେ କଥା କହୁନି । ତୁମେ ଏଠିକାର ସ୍ଥାନୀୟ ସରପଞ୍ଚ ।/ ଏଠି ମୁଁ ଏବେ କେତେକ ଗୁରୁତର ସମସ୍ୟାର ସମ୍ମୁଖୀନ ।/ସେ ସବୁର ସମାଧାନ ପାଇଁ ତୁମର ସହଯୋଗ ଏକାନ୍ତ ଆବଶ୍ୟକ ।/ ଲୋଚନ:-ଯେତେବେଳେ ଯେଉଁ ମୁହୂର୍ତ୍ତରେ ଚାହିଁବେ ଆଜ୍ଞା ।(ପୃଷ୍ଠା -୪୪)

ପ୍ରଥମ ଅଙ୍କର ସମସ୍ତଚରିତ୍ରର ଗୁଣଧର୍ମ ଦ୍ୱିତୀୟ ଅଙ୍କରେ ସମାନ ରହିଥିବା ବେଳେ ସାଧୁଚରଣ ଚରିତ୍ରଟି ଏଥିରେ ବ୍ୟତିକ୍ରମ । ପ୍ରଥମ ଅଙ୍କରେ ବିଦ୍ରୋହୀ ନେତା ସାଧୁଚରଣ,ଦ୍ୱିତୀୟ ଅଙ୍କରେ ବିଧାୟକ ସାଧୁଚରଣ ହୋଇଛି । ଅନ୍ୟ ଚରିତ୍ରର ନାମରେ ପରିବର୍ତ୍ତନ ଘଟୁଥିବା ବେଳେ ଗୁଣରେ ପରିବର୍ତ୍ତନ ଘଟିନାହିଁ । ମାତ୍ର,ସାଧୁଚରଣ ଚରିତ୍ରର ଗୁଣରେ ପରିବର୍ତ୍ତନ ଘଟିଥିବା ବେଳେ ନାମ ସମାନ ରହିଛି ।

ସାଧୁଚରଣ:- ହାଃ... ହାଃ...ଏଠାକାର କିମ୍ବଦନ୍ତୀ...ଲୋକକଥା । ବୋଧେ ମୋର ବାପା ବୋଉ ମୋତେ ସେହି ନାଁଦେଇଥିଲେ ମୁଁ ଭବିଷ୍ୟତରେ ଜଣେ ନେତା ହେବି ବୋଲି । ତେବେ କିମ୍ବଦନ୍ତୀର ସେ ସାଧୁଚରଣ ବୋକା ଥିଲା ନିଶ୍ଚୟ ।କ'ଣ ବୁଝିଲେ ନା-ପ୍ରଚଳିତ ଶାସନ ବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହ କରିବା ଜମା ଠିକ୍ ନୁହଁ । ବିଦ୍ରୋହ ନୁହେଁ ବୁଝିଲେ -ଫାଇଦା, ମୁନାଫା ଏସବୁ ଦରକାର... । (ପୃଷ୍ଠା-୬୧)

ପ୍ରଥମ ଅଙ୍କରେ ସାଧୁଚରଣ ଦଳିତ ନେତା ସାଜି ରାଜତନ୍ତ୍ରର ଅବସାନ ଘଟାଇଛି । ଦ୍ୱିତୀୟ ଅଙ୍କରେ ବିଧାୟକ ସାଧୁଚରଣ ସଂପୂର୍ଣ୍ଣ ଏକ ପରିବର୍ତ୍ତିତ ରୂପ ପରିଲକ୍ଷିତ ହୁଏ । ଏ ଚରିତ୍ର ବିଷୟରେ ନାଟ୍ୟକାର କହିଛନ୍ତି – "ପ୍ରଥମ ପର୍ବର ପ୍ରଜାମଣ୍ଡଳ ନେତା ସାଧୁଚରଣ ଓ ଦ୍ୱିତୀୟ ପର୍ବର ବିଧାୟକ ସାଧୁଚରଣ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ପୂର୍ବର ସାଧୁଚରଣ ଜନସାଧାରଣଙ୍କ ନେତୃତ୍ୱ ନେଇ ରାଜତନ୍ତ୍ରର ଅବସନ ଘଟାଇଥିଲା କିନ୍ତୁ ଏବେକାର ସାଧୁଚରଣ ଜନସାଧାରଣଙ୍କ ଭୋଟ୍ ବଳରେ କ୍ଷମତାରେ ଆସୀନ । ସେ ପୁଣି କ୍ଷମତା ଲୋଭୀ ଅସଦ୍ ଚରିତ୍ରର ବ୍ୟକ୍ତି ।ଏହା ହୁଏତ ପରିବର୍ତ୍ତିତ ମୂଲ୍ୟବୋଧ ।"(୫)ଏଠାରେ ନାଟ୍ୟକାର ଚରିତ୍ର ରୂପାନ୍ତର ମାଧ୍ୟମରେ ଦେଖାଇଛନ୍ତି,ଯେ ସମୟର ଗତିରେ କିପରି ନୀତି ଆଦର୍ଶ ପ୍ରଭୃତି କ୍ଷୟଶୀଳ ହେଉଛି ଓ ମନୁଷ୍ୟର ମୂଲ୍ୟବୋଧରେ ଅବନତି ଘଟୁଛି ।

'କର୍ଣ୍ଣ'ନାଟକରେ ଯେକୌଣସି ସାମାଜିକ, ପୌରାଣିକ, ଐତିହାସିକ କିମ୍ବା ରାଜନୈତିକ ସମସ୍ୟା ବା ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ପୁରାଣର ଚରିତ୍ର କର୍ଣ୍ଣ କିପରି ଆଧୁନିକ ଚେତନାରେ ନିଜର ସ୍ଥାନକୁ ବାଛି ନେଇଛି ତାହା ଯେମିତି ଦେଖିବାକୁ ମିଳେ, ଅନୁରୂପ ଭାବରେ ସାଧାରଣ ମଣିଷର ଜୀବନଚର୍ଯ୍ୟା, ଶୋଷକ-ଶୋଷିତର ଲଢେଇ ପ୍ରଭୃତି ସମାଜର ନାନା ସମସ୍ୟାକୁ ଏ ନାଟକରେ ଦେଖିବାକୁ ମିଳୁଥିବାରୁ ଏହା ମଧ୍ୟ ଏକ ସାମାଜିକ ସମସ୍ୟା ସମ୍ୱଳିତ ନାଟକର ମର୍ଯ୍ୟାଦା ବହନକରେ । ନାଟକରେ ଦୁଇଟି ଜୋନ୍‌ରେ ରଙ୍ଗମଞ୍ଚର ପରିକଳ୍ପନା କରାଯାଇଛି । ନାଟକର ନାୟକ ସୂର୍ଯ୍ୟପ୍ରକାଶର ଜନ୍ମ, ତା'ର ସଂଘର୍ଷମୟ ଜୀବନ,ପ୍ରେମର ବିଫଳତା ସହ ପୁରାଣ ଯୁଗର କର୍ଣ୍ଣ ଚରିତ୍ରକୁ ଫେଣ୍ଟିଦେଇ କାହାଣୀ ଗଢ଼ିବାର ପ୍ରୟାସ କରିଛନ୍ତି ନାଟ୍ୟକାର । ନାଟକଟିରେ ପ୍ରସ୍ତାବନା ଓ ଉପସଂହାରକୁ ବାଦ୍ ଦେଇ ଏଗାରଟି ଦୃଶ୍ୟ ସମ୍ମନ୍ୱିତ ହୋଇଛି । ସମୟର ବିବର୍ତ୍ତନ ଧାରାରେ ପୁରାଣଯୁଗର ଚରିତ୍ରମାନେ ନୂଆ ରୂପପାଇ ଆଧୁନିକ ଜୀବନରେ ଦେଖାଦିଅନ୍ତି । କୃଷ୍ଣ -କେଶବ ଦାସ ଭାବେ, ଅର୍ଜୁନ -ପାର୍ଥ ଭାବେ, କର୍ଣ୍ଣ -ସୂର୍ଯ୍ୟ ପ୍ରକାଶ ଭାବେ କୁନ୍ତି -ଦୁର୍ଯ୍ୟୋଧନ ପ୍ରମୁଖ ନିଜ ନାମ ଅନୁସାରେ ନାଟକରେ ରୂପାନ୍ତରିତ ହୋଇଛନ୍ତି ।

'ଶୋଣିତ ସ୍ୱାକ୍ଷର' ନାଟକର ପ୍ରଥମ ପର୍ଯ୍ୟାୟରେ ମିଥ୍‌ର ପୁର୍ନଗଠନ, ପ୍ରାଚୀନ ବିଶ୍ୱାସ, ଉତ୍କଳୀୟ ପରମ୍ପରା ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ରହିଛି ପଚମାନ ସଂସ୍କୃତି, ଭ୍ରଷ୍ଟାଚାର ଓ ମୂଲ୍ୟବୋଧର ବିପର୍ଯ୍ୟୟ । ପ୍ରଥମ ପର୍ଯ୍ୟାୟରେ ରହିଛି ରାଜାରାଜୁଡାଙ୍କ ଶାସନ ବ୍ୟବସ୍ଥାର ଚିତ୍ର । ଖୁଲଣାସୁନ୍ଦରୀ ଉପାଖ୍ୟାନର ଶ୍ରୀଧର ଚରିତ୍ର । ସେ ସତ୍ୟ, ଧର୍ମ, ନ୍ୟାୟ ଓ

ମୂଲ୍ୟବୋଧର ପ୍ରତିଷ୍ଠା ସହ ପରିବର୍ତ୍ତନର ବାର୍ତ୍ତା ଆଣି ଆସିଥିଲା । କିନ୍ତୁ ନାଟକର ଦ୍ୱିତୀୟ ପର୍ଯ୍ୟାୟରେ ଭିନ୍ନ । ଏଠି ରାଜା-ରାଜୁଡା ଚରିତ୍ର କିମ୍ବା କଥାବସ୍ତୁ ନାହିଁ । ରାଜା ସୁଦର୍ଶନଙ୍କଠାରୁ ଶ୍ରୀଧର ପର୍ଯ୍ୟନ୍ତ ସମସ୍ତେ ଆଧୁନିକ ଜୀବନର ବାସ୍ତବ ଚରିତ୍ର ପାଲଟି ଯାଇଛନ୍ତି ଯଥାକ୍ରମେ ସୁଦର୍ଶନ-ପୁଞ୍ଜିପତି ପ୍ରିୟଦର୍ଶନ, ମନ୍ତ୍ରୀ-ମ୍ୟାନେଜର ଗଣନାଥ, ସେନାପତି-ଗୁଣ୍ଡା ଗ୍ୟାଙ୍ଗ୍‌ର ଲିଡର, ରକ୍ଷୀ-ଗ୍ୟାଙ୍ଗ୍ ଲିଡରର ସହଯୋଗୀ, ଧନେଶ୍ୱର-ସତ୍ୟନିଷ୍ଠ ଧନଞ୍ଜୟ, ଶିଳ୍ପୀ ଚିତ୍ରସେନ-ବିପ୍ଳବୀ ଚିତ୍ରାନନ୍ଦ ଚନ୍ଦ୍ରା ଓ ତା'ର ସହକର୍ମିଣୀ ଚନ୍ଦ୍ରିକା ଭାବରେ ଦେଖାଦେଇଛନ୍ତି ।

ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ 'କଲମ୍ୱସ୍'ନାଟକରେ ଶିକ୍ଷକ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀମାନଙ୍କୁ ଭୂଗୋଳ ପଢାଇବା ସମୟରେ କଲମ୍ୱସ୍ ସମ୍ପର୍କରେ କହିଛନ୍ତି । ଏବଂ ଛାତ୍ରଛାତ୍ରୀମାନଙ୍କର ନାଟକରେ ଆଗ୍ରହଥିବା ଜାଣି ସେମାନଙ୍କ ଦ୍ୱାରା କଲମ୍ୱସ୍‌ର ନାଟକୀୟ କାହାଣୀକୁ ଅଭିନୟ କରାଇଛନ୍ତି । ଶିକ୍ଷକ-"ବର୍ତ୍ତମାନ ଠାରୁ ମନେ କରିନିଅ ତୁମେ ସ୍ପେନ୍‌ର ମହୀୟସୀ ସାମ୍ରାଜ୍ଞୀ ଇସାବେଲ୍ଲା । ହୁଁ -ଏହି ଚୌକିରେ ବସ । ଏଥର ତୁମେ ଆସ ଫର୍ଡିନାଣ୍ଡ । ବସିବାର ରାଜକୀୟ ଭଙ୍ଗୀ ଫୁଟୁ । କଲମ୍ୱସ୍ - ଖ୍ରୀଷ୍ଟୋଫର କଲମ୍ୱସ୍ -ତୁମେ ଠିଆହୁଅ ସାମନାରେ । ହାତ ଦୁଇଟି ପଛରେ ଛନ୍ଦିଦିଅ । ତୁମେ ବର୍ତ୍ତମାନ ସ୍ପେନ୍ ଦରବାରରେ ଠିଆହୋଇଛ ବନ୍ଦୀଅବସ୍ଥାରେ ।"(୬)ଶିକ୍ଷକ ନିର୍ଦ୍ଦେଶରେ ଶ୍ରେଣୀଗୃହରେ ଛାତ୍ରଛାତ୍ରୀ ଚରିତ୍ରମାନେ ସଙ୍ଗେ ସଙ୍ଗେ ବର୍ତ୍ତମାନରୁ ଇତିହାସର ପୃଷ୍ଠଭୂମିକୁ ଓହ୍ଲାଇ ଆସି କଲମ୍ୱସ୍, ସାମ୍ରାଜ୍ଞୀ ଓ ଦରବାରର ଅନ୍ୟାନ୍ୟ ପାରିଷଦ ଚରିତ୍ରରେ ରୂପାନ୍ତରିତ ହୋଇଛନ୍ତି । ସେହିପରି ତାଙ୍କର 'ଭୀମଭୋଇଙ୍କ ସନ୍ଧାନରେ'ନାଟକଟି ମାତ୍ର ଚାରିଗୋଟି ଚରିତ୍ର ବିଶିଷ୍ଟ ଯଥା-୧ମ ଲୋକ, ୨ୟ ଲୋକ, ୩ୟ ଲୋକ, ୪ର୍ଥ ଲୋକ । ବିଭିନ୍ନ ସମସ୍ୟାକୁ ଉପସ୍ଥାପନ କରିବା ନିମିତ୍ତ ଚାରୋଟି ଚରିତ୍ର ଭିନ୍ନ ଭିନ୍ନ ଚରିତ୍ରରେ ରୂପାନ୍ତରିତ ହୋଇଛନ୍ତି । ଯଥା-ନେତା, ଛାତ୍ର, ଶିକ୍ଷକ, ଖବରକାଗଜ ବାଲା, ପତ୍ରଗୋଟାଳି ପିଲା, ମାଲିକ ଚାକର ରୋଗୀ, ପଙ୍ଗୁ ଶିଶୁ,ଶ୍ରମିକ, ଉଚ୍ଚଜାତିର ବ୍ୟକ୍ତି ନିଜ ଜାତିର ବ୍ୟକ୍ତି,ଭୀମଭୋଇ ପ୍ରଭୃତି । ପ୍ରତ୍ୟେକ ଚରିତ୍ର ଅତି କମ୍ ସମୟ ପାଇଁ ନିଜ ମୂଳଚରିତ୍ରରୁ ବାହାରି ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରି ପୁଣି ନିଜ ଚରିତ୍ରକୁ ଫେରି ଆସୁଛନ୍ତି ।

ଶଙ୍କର ତ୍ରିପାଠୀଙ୍କ'ସାମ୍ରାଜ୍ୟ ପତନର ବେଳ','ଗାନ୍ଧିଭୂମିକାରେ','ରାବଣ ଛାୟା'ପ୍ରଭୃତି ନାଟକରେ ଚରିତ୍ରର ରୂପାନ୍ତର ବିଶେଷ କଳାତ୍ମକ । 'ସାମ୍ରାଜ୍ୟ ପତନର ବେଳ'ରାଜଧାନୀର ବସ୍ତି ଉଚ୍ଛେଦଠାରୁ ଆରମ୍ଭ କରି 'ନାଲ୍‌କୋ'ର ବସ୍ତି ଉଚ୍ଛେଦ ଘଟଣାଯାଏ ପରିବ୍ୟାପ୍ତ । ଏଥିରେ ଗୋଟିଏ ଗୋଷ୍ଠୀର ସ୍ୱପ୍ନ ଓ ସ୍ୱପ୍ନ ଭଙ୍ଗୁର କରୁଣ ଦୃଶ୍ୟ ପ୍ରଦର୍ଶିତ । ଏହାର କଥାବସ୍ତୁକୁ ଅଧିକ ମର୍ମସ୍ପର୍ଶୀ କରିପାରିଛି ଏହାର ଶୈଳୀ । ନାଟ୍ୟକାର ପ୍ରଧାନପଡା ଗ୍ରାମର ଚିତ୍ର ଦେବା ସମୟରେ ଅନେକଗୁଡ଼ିଏ ଚରିତ୍ରର ଆବଶ୍ୟକତାକୁ ମାତ୍ର ପାଞ୍ଚଗୋଟି ଘୋଷକ ଚରିତ୍ର ମାଧ୍ୟମରେ ପୂରଣ କରିଛନ୍ତି । ସେମାନେ କେବଳ ଘୋଷକ ନୁହନ୍ତି, ନାଟକରେ ବିଭିନ୍ନ ଚରିତ୍ରରେ ମଧ୍ୟ ଅଭିନୟ କରିଛନ୍ତି । ଘୋଷକ ପାଞ୍ଚ ଜଣଙ୍କ ପୋଷାକ ସମାନ ରହିଛି । ସମସ୍ତ ପାଲାବାଲା ଭଳି ପୋଷାକ ପରିହିତ । ନାଟକରେ ଯେତେବେଳେ ପଧାନପଡାର ଇଷ୍ଟଦେବୀ ବସନ୍ତେଇଙ୍କ ମନ୍ଦିର ବିଷୟରେ କୁହାଯାଇଛି ସେତେବେଳେ ଘୋଷକମାନେ ପୂଜକ, କାଳିସୀ ପ୍ରଭୃତି ଚରିତ୍ରରେ ଅଭିନୟ କରିଛନ୍ତି । ନାୟିକା ରାଧାକୁ ବାହାଘର ନିମନ୍ତେ ଶାଶୁଘର ଲୋକମାନେ ଦେଖିବାକୁ ଆସୁଥିବା ବେଳେ ୧ମ ଘୋଷକ ରାଧାର ଶ୍ୱଶୁର,ଦ୍ୱିତୀୟ ଜ୍ୱାଇଁ,୩ୟ ପୁରୋହିତ ଓ ୪ର୍ଥ ଘୋଷକ ବନ୍ଧୁ ଚରିତ୍ରରେ ଅଭିନୟ କରିଛନ୍ତି ।

(ଆସିଛନ୍ତି ଘୋଷକ ୪ ଜଣ । ୧ମ ଶ୍ୱଶୁର, ୨ୟ ଜ୍ୱାଇଁ,୩ୟ ପୁରୋହିତ ଓ ୪ର୍ଥ ବନ୍ଧୁ ଭାବରେ)

୧ମ:- କ' ଣ ସମୁଦି, ଆମକୁ ଘରେ ବସେଇ ଦେଇ ତମେ ଏଠି ଆସି ।/ ଘନ କହିଲା ତମେ ନଈ କୂଳକୁ ଆସିଛ । ସେଥିପାଇଁ ଚାଲି ଆସିଲୁ । (ପୃଷ୍ଠା- ୫)/ ୧ମ:- ହେଲା, ପୁରୋହିତ, ଦେଖିଲ, ବାହାଘର ତିଥି କେବେ ଅଛି ?/ ୩ୟ:- ଏକଥା ଆଉ କହିବାକୁ ଅଛି । 'ଗୁଣ ଦ୍ୱିତୀୟା ଭଲ ତିଥି । ମଝିରେ ଆଉ ଦିମାସ ରହିଲା, / ସେଇ ତିଥିରେ ଦିଜଣଙ୍କୁ ଶୁଝୁଚି । (ପୃଷ୍ଠା -୬) (୪ର୍ଥ ଘୋଷକ ଅବଧାନ ଭାବରେ ଓ ଅନ୍ୟ ତିନିଜଣ ଛାତ୍ରଭାବରେ ଚରିତ୍ରରେ ରୂପାନ୍ତରିତ ହୋଇଛନ୍ତି ।) / ୪ର୍ଥ :-କିରେ କାଲି ଅଙ୍କ କ'ଣ ହେଲା ? / ୨ୟ:-ବୁଝିପାରିଲିନି ସାର୍ / ୪ର୍ଥ :-ତୁମେ ଦୁଇଜଣ ? / ୧ମ ଓ୩ୟ :-ଆମେ ବି ବୁଝିପାରିଲୁନି ସାର୍ (ପୃଷ୍ଠା -୮) (୫ମ ଅଭିନେତା,ମୁସଲମାନ ବେଶରେ ଗୋଟିଏ ବିରାଟ ବୁଲଡୋଜର ଚକ ଠେଲି ଠେଲି ମଞ୍ଚକୁ ଆସିଛି । ତା' ସାଙ୍ଗରେ ୪ର୍ଥ ଅଭିନେତା ରୁକ୍ଷ ପୋଲିସ ବେଶରେ ରହିଛି । ହାତରେ ତା'ର ଲାଠି Sound trackରେ ଘର ଭାଙ୍ଗିବା ଓ ବୁଲା ଡୋଜର ଶବ୍ଦ ଚାଲୁ ରହିଛି ।)/ ୨ୟ ଓ୩ୟ:-ନା'ଆମେ ଆମ ଗାଁ ଛାଡିବୁନି ।ମରିଯିବୁ ପଛେ ଛାଡିବୁନି..../ ୪ର୍ଥ :- ଉଠ୍ , ଉଠ୍ ଉଠ୍ (ଲାଠିରେ ପିଟିପିଟି ବାହାରକୁ ଙ୍ଗି ଦେଇଛି) (ପୃଷ୍ଠା - ୯୧)

ଯେତେବେଳେ ନିତିଦିନିଆ ଗଡିଚାଲିଥିବା ପରିବେଶ ଓ ଜୀବନଯାତ୍ରାକୁ ନେଇ ଗତାନୁଗତିକକୁ ପ୍ରକାଶ କଲାବେଳେ ଯିଏ ପ୍ରଥମ ଘୋଷକ ଶ୍ୱଶୁର ଚରିତ୍ରରେ ଅଭିନୟ କରୁଥିଲା । ଗ୍ରାମର ଚିତ୍ର ବର୍ଣ୍ଣନା କରିବାକୁ ଯାଇ ସଂଯୋଜକ ହଳିଆର ମନମତାଣିଆ ଗୀତ ବିଷୟରେ କହୁଥିବା ସମୟରେ ପ୍ରଥମ ଘୋଷକ ହଳଧରି ଗୀତ ଗାଇ ଗାଇଯାଉଛି । ଅବଧାନ ବିଷୟରେ ଜଣାଇବାକୁ ଯାଇ ଘୋଷକ ପାଠ ପଢାଉଥିବା ବେଳେ ଅନ୍ୟତିନିଜଣ ଛୋଟପିଲାଭଳି ପଢୁଛନ୍ତି । ହାଟରେ ମଧ୍ୟ ପରିବେଶ

ସୃଷ୍ଟି ନିମନ୍ତେ ଘୋଷକ୩, ୪ ଓ ୫ ହାଟରେ ବିଭିନ୍ନ ଦୋକାନୀ ଭୂମିକାରେ ଅଭିନୟ କରୁଛନ୍ତି ।କିଏ ଶାଢୀ ବିକ୍ରିକରୁଛି ତ କିଏ ଦର୍ପଣ, ସାବୁନ, ତେଲ ବିକ୍ରିକରୁଛି । ପୁଣି ପାତ୍ର ଅନୁସାରେ ପରିସ୍ଥିତିକୁ ଦର୍ଶାଇବାକୁ ଯାଇ ଘୋଷକ-୧ ଓ ଘୋଷକ-୨ ରାଜନେତାଙ୍କର ଦୁଇଦଳ ମଧ୍ୟରେ ବିପରୀତ ଦଳୀୟ ନେତା ହୋଇ ଆମର ହାତୀଚିହ୍ନ ଓ ଆମର ଘୋଡାଚିହ୍ନକୁ ନେଇ ଦୁହିଁଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଛି । ଆହୁରି ମଧ୍ୟ ଘୋଷକମାନେ ଏମ୍.ଏଲ୍.ଏ, ବାଚସ୍ପତି, ବିରୋଧୀ ଦଳ ସଦସ୍ୟ, ମୁଖ୍ୟମନ୍ତ୍ରୀ, ମାଜିଷ୍ଟ୍ରେଟ୍, ପୋଲିସ ପ୍ରଭୃତି ଭୂମିକାରେ ଅଭିନୟ କରୁଛନ୍ତି । ଘୋଷକର ଏହିପରି ରୂପାନ୍ତର ଫଳରେ ମାତ୍ର ପାଞ୍ଚଜଣ ଅଭିନେତା ମାଧ୍ୟମରେ ବହୁ ସଂଖ୍ୟକ ଚରିତ୍ରର ରୂପାୟନ ସମ୍ଭବ ହୋଇଛି ।

ଏହିପରି 'ଗାନ୍ଧୀ ଭୂମିକାରେ'ନାଟକର ମୁଖ୍ୟ ଚରିତ୍ରମାନେ ସ୍ଥିର ଓ ଗୌଣ ଚରିତ୍ରମାନଙ୍କର ରୂପାନ୍ତର ଘଟିଛି । ଏଥିରେ ଆଉ ଗୋଟିଏ କଥା ଯେ ସମସ୍ତ ଅଭିନେତାମାନେ ଦର୍ଶକମାନଙ୍କ ସାମ୍ନାକୁ ଆସି ନିଜ ନିଜର ପରିଚୟ ଦେଇଛନ୍ତି ସଂଳାପ ମଧ୍ୟରେ । ଏଥିରେ ୧ମ ଅଭିନେତା, ୨ୟ ଅଭିନେତା ଆରମ୍ଭରୁ ଭିକି ଓ ସନ୍ନି ହୋଇ ଜଣେ ପକେଟ୍ ମାର୍ କରୁଥିବା ବେଳେ ଅନ୍ୟଜଣେ ଟିକେଟ୍ ବ୍ଲାକ୍ କରୁଛି । ନାଟକର ଅଧାରୁ ସେମାନଙ୍କ ଚରିତ୍ରରେ ପରିବର୍ତ୍ତନ ଘଟୁଛି । ନାଟକରେ ପ୍ରଥମ ଅଭିନେତା ନିଜେ ପରିବର୍ତ୍ତନ ସମ୍ପର୍କରେ ମଞ୍ଚରେ ଘୋଷଣା କରି କହିଛି, - "ଆଜ୍ଞା ନମସ୍କାର । ଏଇଠୁ କାହାଣୀର ପରବର୍ତ୍ତୀ ଅଧ୍ୟାୟ ଆରମ୍ଭ । କାହାଣୀର ପରବର୍ତ୍ତୀ ଅଧ୍ୟାୟରେ ଆମେ ଦୁହେଁ, ନିଜ ନିଜର ପୂର୍ବ ଭୂମିକା ଛାଡି ଘୋଷକ ଭାବରେ ଅଭିନୟ କରୁଛୁ ।"(୭)ଏହାପରେ ୧ମ ଓ ୨ୟ ଅଭିନେତା ଘୋଷକ ଭାବରେ ଘୋଷଣା କରିଛନ୍ତି ଏବଂ ମଝିରେ ମଝିରେ ସେମାନେ ପୁଣି କିଛି ସମୟ ପାଇଁ ଭିକି ଓ ସନ୍ନି ଭୂମିକାରେ ଫେରିଛନ୍ତି ।

(ଏବେ ୧ମ ଓ୨ୟ ଅଭିନେତା ରୂପାନ୍ତରିତ ହେଲେ ଘୋଷକ ଭାବରେ)

୨ୟ:- ଆମେ ତ ତାଙ୍କ ନାଁରେ ଚାନ୍ଦା ଆଦାୟ କରି ନିଜେ ଖାଇଚୁ । ଗାନ୍ଧୀ ଆସିଲେ କାହିଁକି ? / ୩ୟ:- ଆମେ ତ ତାଙ୍କ ନାଁରେ ଗୁଡାଖୁ ଦୋକାନ,ବିଡି କମ୍ପାନୀ,ଜୋତା ଷ୍ଟାଣ୍ଡ୍ ନାମିତ କଲୁ ।/ ଗାନ୍ଧୀ ଆସିଲେ କାହିଁକି ?(ପୃଷ୍ଠା-୨୮)

ସେହିପରି ସୋମ ଓ ମଙ୍ଗଳ ପ୍ରଥମେ ଶିକ୍ଷକ ଭୂମିକାରେ ଅଭିନୟ କରିବା ପରେ ରବି, ସୋମ ଓ ମଙ୍ଗଳ ତିନିଜଣ ତିନୋଟି ଗଞ୍ଜେଡ କବି ହୋଇଛନ୍ତି । ପୁଣି ସେମାନେ ବ୍ୟବସାୟୀ, ଫିଲ୍ମ ପ୍ରଡ୍ୟୁସର୍ ଓ ମନ୍ତ୍ରୀଙ୍କର ପି.ଏ ଭୂମିକାରେ ଅଭିନୟ କରିଛନ୍ତି ଏବଂ ଶେଷଦୃଶ୍ୟରେ ମନ୍ତ୍ରୀଙ୍କ ଲୋକ ହୋଇ ନାୟିକା ଚନ୍ଦ୍ରମୁଖୀ ଉପରେ ଅତ୍ୟାଚାର କରିଛନ୍ତି । ୩ୟ ଅଭିନେତା ରାମଦାସ ଓ ସୋମ ଫିଲ୍ମ ପ୍ରଯୋଜକଙ୍କ ଭୂମିକାରେ ଆସି ନିଜକୁ ସୁବାସ ନନ୍ଦ ପରିଚୟ ଦେଇ ରାମଦାସ ତା'ଫିଲ୍ମରେ କାମ କରିବାପାଇଁ ପ୍ରସ୍ତାବ ଦେଇଛି ।

(ମଞ୍ଚର ଦୁଇଦିଗରୁ ଆସିଛନ୍ତି ୩ୟ ଅଭିନେତା ଓ ରବି ବ୍ୟବସାୟୀ ଭାବରେ ଚରିତ୍ର ଭୂମିକାରେ । )

୩ୟ:- ଲାଲାଜୀ -ନମସ୍କାର । / ରବି :-ହଁ ମୁଁ ତୁମକୁ ମନେପକାଉଥିଲି । ଶୁଣିଲି ତମେ ମନ୍ତ୍ରୀଙ୍କ କାମ ଛାଡି ଦେଇଛ । / ୩ୟ :- ହଁ । / ରବି :- ଆମ ପାଖରେ କାମ କରିବ ? / ୩ୟ :- କି କାମ ?/ ରବି :- ଆମେ ଗୋଟେ ନୂଆ ରକମର ଖଦଡ ଲୁଗା ବାହାର କରୁଛୁ । ତାର advertisement ଦରକାର । / ତମେ ଆମ ଦୋକାନରେ show case ଭିତରେ,ଦିନସାରା ସେଇ ଖଦଡ ଲୁଗା ପିନ୍ଧି ଠିଆହେବ । ଆମେ / ଦି ପଇସା ଲାଭ ପାଇବୁ, ତମେ ତମର ପାଉଣା ବି ପାଇବ । (ପୃଷ୍ଠା -୪୫)

'ରାବଣ ଛାୟା'ରେ ଅଭିନେତାମାନଙ୍କର ଚରିତ୍ରରେ ଯେଉଁ ରୂପାନ୍ତର ଦେଖାଦେଇଛି ତାହା ଆଲୋଚିତ ଅନ୍ୟ ନାଟକର ଚରିତ୍ର ରୂପାନ୍ତର ଠାରୁ ଭିନ୍ନ । ଏହି ନାଟକରେ କେତୋଟି ଚରିତ୍ର ମଞ୍ଚସ୍ଥ କରୁଛନ୍ତି ବିଚିତ୍ରରାମାୟଣ ବା ସୀତାକୁ ଉଡାଇ ନେବାର ଲୋଫର ରାବଣ । ଏଥିରେ ଛଅଗୋଟି ଚରିତ୍ର ବିଚିତ୍ର ରାମାୟଣ ନାଟକରେ ରାବଣ, ରାମ, ଲକ୍ଷ୍ମଣ, ହନୁମନ୍ତ,ମହାମନ୍ତ୍ରୀ ଓ ସୀତା ପ୍ରଭୃତି ଚରିତ୍ରରେ ଅଭିନୟ କରିଛନ୍ତି । ଜଣେ ଅଭିନେତା ଅଭିନୟ କରୁଥିବା ଚରିତ୍ର ଦୁଇଟି ମଧ୍ୟରେ କୌଣସି ଗୁଣଗତ ସମାନତା ନାହିଁ । ପ୍ରତ୍ୟେକ ଅଭିନେତା ମଞ୍ଚ ଉପର ଚରିତ୍ର ଓ ମଞ୍ଚ ବାହାର ଚରିତ୍ର ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି । ଚରିତ୍ରମାନେ ନାଟକରେ ଅଭିନୀତ ଚରିତ୍ରରୁ ହଠାତ୍ ନିଜ ଚରିତ୍ରକୁ ଫେରିଆସୁଛନ୍ତି । ରାମ,ଲଇକ୍ଷଣ ଓ ସୀତା ପିତୃସତ୍ୟ ପାଳି ବନବାସ ସମୟରେ ବନ ଅପୂର୍ବ ଶୋଭା ଉପଭୋଗ କରୁଥିବା ବେଳେ ହଠାତ୍ ନିଜ ଚରିତ୍ରକୁ ଆସିଛନ୍ତି ।

(ଏବେ ସମସ୍ତ ଅଭିନେତାମାନେ ରାମାୟଣର ଭୂମିକାରୁ ଫେରିଛନ୍ତି ନିଜ ଚରିତ୍ରକୁ)

ରେଖା:-(ରାଗି) କ'ଣ ମ ଗୋଟେ dialogueକୁ ତିନିଥର କହୁଚ ? / କାଳୁ:- କ'ଣ କରିବି ? ଏମାନେ promoting କରୁନାହାନ୍ତି । (ନିର୍ଦ୍ଦେଶକକୁ) ହେଃ -promoting କର । (ପୃଷ୍ଠା -୭)

ଅଭିନେତା ରାବଣ ଓ ହନୁମନ୍ତ ଚରିତ୍ରରେ ଅଭିନୟ କଲାବେଳେ ବାଖ୍ୟାକାର ଚରିତ୍ରକୁ ଚାଲିଯାଇଛନ୍ତି । ରେଖା ଚରିତ୍ର ସୀତା ଭୂମିକାରେ ଅଭିନୟ କଲାବେଳେ ନିଜ ଚରିତ୍ରକୁ ଫେରିଯାଇଛି ତା'ର ବାପା ତିରିଶ ହଜାର ଟଙ୍କା ପାଇଁ ତାକୁ କେମିତି ମଞ୍ଚରେ ନାଚିବା ପାଇଁ ଛାଡିଦେଇଯାଇଥିଲା,ତା'ର ଦୁଃଖକୁ ପ୍ରକାଶ କରିଛି

ବିପିନ୍ ଆଗରେ । ଏହିପରି ପୁରାଣର ଚରିତ୍ରରେ ଅଭିନୟ କଲାବେଳେ ସେମାନେ ନିଜ ଚରିତ୍ରକୁ ଫେରିଆସୁଛନ୍ତି । ତେଣୁ ସୂତ୍ରଧର ଆଉ ପ୍ରକାଶ କରୁନାହାନ୍ତି ଚରିତ୍ର ପରିବର୍ତ୍ତନ ହେଲେ ବୋଲି,କିନ୍ତୁ ଚରିତ୍ରମାନଙ୍କର ଅଭିନୟ ଓ ସଂଳାପରେ ଦର୍ଶକ ଜାଣିବେ ଯେ ସେମାନେ ସାଧାରଣ ତଥା ନିଜ ଚରିତ୍ରକୁ ଫେରିଆସିଲେ ବୋଲି । ବିପିନ୍ ରାବଣ ଭୂମିକାରେ ଏକ ଦୀର୍ଘ ସଂଳାପ ଦେବା ସମୟରେ ଗୁଆ ତଣ୍ଟିରେ ଲାଗିଯିବାରୁ ରାବଣ ଓ ମନ୍ତ୍ରୀ ଚରିତ୍ରରେ ଅଭିନୟ କରୁଥିବା ବିପିନ୍ ଓ କମଳ ହଠାତ୍ ନିଜ ଚରିତ୍ରକୁ ଫେରିଛନ୍ତି ।ଏହିପରି, -

କମଳ :-କି -ହୋଇଲା କି-ହୋଇଲା ମହାରାଜ ! / ବିପିନ୍ :- ଖାଇଥିଲି ପାନ, ତଣ୍ଟିରେ ଲାଗିଗଲା ଗୁଆ । / କମଳ :-କିଏ ଅଛରେ ପାଣି ମୁନ୍ଦେ ଆଣ ।(ରାବଣ ଛାୟା, ପୃଷ୍ଠା-୧୨)

ଏହିପରି ଭାବରେ ନାଟକର ଚରିତ୍ର ଭାବରେ ଅଭିନୟ କଲାବେଳେ ନିଜ ନିଜ ଚରିତ୍ରକୁ ଫେରିଛନ୍ତି । ନାଟ୍ୟକାରଙ୍କ ମତରେ- "ନାଟକର ଘଟାନ୍ତର ପ୍ରକ୍ରିୟାକୁ ସ୍ପଷ୍ଟ କରିବାଲାଗି ଅଭିନେତାମାନେ ଯେଉଁ ଚରିତ୍ରରେ ଅଭିନୟ କରୁଛନ୍ତି, ତାହା ସେମାନଙ୍କ ନିଜ ଚରିତ୍ରର ସଂପୂର୍ଣ୍ଣ ବିପରୀତ ଧର୍ମୀ ।"(୮)ଏଠାରେ ନାଟ୍ୟକାର ଶଙ୍କର ତ୍ରିପାଠୀ ଚରିତ୍ରର ରୂପାନ୍ତର ଅଉ 'ଘଟାନ୍ତର'ଶବ୍ଦ ମାଧ୍ୟମରେ ବୁଝାଇଛନ୍ତି । ଚରିତ୍ରର ରୂପାୟନ ମାଧ୍ୟମରେ ନାଟ୍ୟକାର ଏକବଡ ଉଦ୍ଦେଶ୍ୟ ସାଧନ କରିବାକୁ ଚେଷ୍ଟା କରିଛନ୍ତି । ନାଟ୍ୟକାରଙ୍କ ମତରେ- "ଦର୍ଶକ ଓ ଅଭିନେତା ମନରେ ବିଚ୍ଛିନତାବୋଧ ସୃଷ୍ଟିକରିବା ଏହାର ମୂଳଉଦ୍ଦେଶ୍ୟ । ବେଳେବେଳେ ଅଭିନେତା ଅଭିନୟ କରୁଥିବା ଚରିତ୍ରରୁ ନିଜ ଚରିତ୍ରକୁ ଫେରି ଆସନ୍ତି । ତେଣୁ ପ୍ରତ୍ୟେକ ଚରିତ୍ର ଏଠି ଦୁଇଟି ଚରିତ୍ରରେ ଅଭିନୟ କରନ୍ତି । ଗୋଟିଏ ସେମାନେ ଅଭିନୟ କରୁଥିବା ଚରିତ୍ର ଅନ୍ୟଟି ନିଜ ଚରିତ୍ର । ଏହାର ଦୁଇଟି ଉଦ୍ଦେଶ୍ୟ ରହିଛି,ପ୍ରଥମତଃ ଦର୍ଶକ ମନରେ ଅଭିନୀତ ଚରିତ୍ର ପ୍ରତି ମୋହଭଙ୍ଗ ସୃଷ୍ଟି କରିବା । ଦ୍ୱିତୀୟଟି ଅଧିକାଂଶ ମଣିଷର ବାହାରରୂପ ଯାହା ଭିତରେ ମଣିଷଟି ସେୟା ନୁହେଁ । ନିଜର କୁତ୍ସିତ ସ୍ୱରୁପକୁ ଘୋଡାଇବା ଲାଗି ସେମାନେ ଭଦ୍ରମୁଖା ପିନ୍ଧି ବୁଲନ୍ତି । ଏହି ମୁଖାପିନ୍ଧା ମଣିଷଙ୍କର ଦୁଇଟି ରୂପକୁ ଅବତାରଣା କରିବା ଲାଗି,ପିରାଂଦେଲୋଙ୍କ ଶୈଳୀରେ ଚରିତ୍ରମାନେ ଅଭିନେତାକୁ ଓ ଅଭିନେତାମାନେ ଚରିତ୍ରକୁ ରୂପାନ୍ତରିତ ହୁଅନ୍ତି । ଯାହାକୁ Transformation character ବା ଚରିତ୍ରର ଘଟାନ୍ତର କୁହାଯାଏ ।"(୯) ଏହି ପକ୍ରିୟାକୁ ସ୍ୱାଭାବିକ ଓ ଦର୍ଶକମାନଙ୍କ ବୋଧଗମ୍ୟ କରିବାପାଇଁ ନାଟ୍ୟକାର ପ୍ରତ୍ୟେକଟି ଚରିତ୍ରକୁ ଦୁଇଟି ନାମରେ ଦୁଇଭାଗ କରିଛନ୍ତି ।

ନାରାୟଣ ସାହୁଙ୍କ ଓ 'ସବାଶେଷଲୋକ' ନାଟକରେ ପୌରାଣିକ ଯୁଗ,ଐତିହାସିକ ଯୁଗ ଓ ଆଧୁନିକ ଯୁଗରେ ନିମ୍ନବର୍ଗର ଲୋକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ରୂପାୟିତ । ଏଥିରେ ଥିବା ଚରିତ୍ର ପ୍ରଭୃତି । ଏହି ସମସ୍ତ ଚରିତ୍ର ପ୍ରତୀକାତ୍ମକ । ଏ ପ୍ରତୀକ ସ୍ଥାନୀୟ ଚରିତ୍ରମାନଙ୍କର କୌଣସି ଯୁଗରେ ଗୁଣ ଓ କାର୍ଯ୍ୟକଳାପ ପରିବର୍ତ୍ତନ ହୋଇନାହିଁ । ରବୀନ୍ଦ୍ରନାଥ ଦାସଙ୍କର 'ଦକ୍ଷିଣ ଦରଜା' ନାଟକରେ ମଧ୍ୟ ସମୟର ପରିବର୍ତ୍ତନରେ ଅଭିନେତାଙ୍କର ଚରିତ୍ରରେ ରୂପାନ୍ତର ଘଟି ସେମାନଙ୍କର ଗୁଣ-ଧର୍ମ ସମାନ ରହିଛି । ସୁବୋଧ ପଟ୍ଟନାୟକଙ୍କର 'ହେ ଭଗବତେ'ନାଟକରେ ଚରିତ୍ରର ରୂପାନ୍ତର ଦେଖାଯାଏ । ଏଥିରେ ଥିବା ସହଦେବ ଚରିତ୍ର ଯଥାକ୍ରମେ ରହସ୍ୟ, ଈଶ୍ୱର ବାବୁ, ଜଗୁଆଳି, ଭଗିଆଭାଇ ଓ ନାରଦ ଚରିତ୍ରରେ ରୂପାନ୍ତରିତ ।

ସମାନ ଗୁଣ ବିଶିଷ୍ଟ ଚରିତ୍ରର ରୂପାନ୍ତର ହେଉ କିମ୍ବା ବିଷମ ଗୁଣ ବିଶିଷ୍ଟ ଚରିତ୍ରର ରୂପାନ୍ତର ହେଉ ଏହା ପଛରେ ନାଟ୍ୟକାରର କିଛି ନା କିଛି ଉଦ୍ଦେଶ୍ୟ ପରିଲକ୍ଷିତ । ସମୟର ପରିବର୍ତ୍ତନରେ ସମୟର ଗୁଣ ଓ ମାନସିକତାର ସମାନତା ଦର୍ଶାଇବା ନିମନ୍ତେ 'ଏଇଯେ ସୂର୍ଯ୍ୟ ଉଏଁ','ଦକ୍ଷିଣ ଦରଜା'ଓ 'ସବାଶୋଷଲୋକ' ପ୍ରଭୃତି ନାଟକରେ ସମଗୁଣ ବିଶିଷ୍ଟ ଏକାଧିକ ଚରିତ୍ରରେ ଅଭିନୟ ପାଇଁ ଜଣେ ବ୍ୟକ୍ତିଙ୍କୁ ନିଆଯାଇଛି । ସେହିପରି ସମୟର ପରିବର୍ତ୍ତନରେ ମୂଲ୍ୟବୋଧଗତ ପରିବର୍ତ୍ତନ ଦର୍ଶାଇବା ନିମନ୍ତେ 'ଏଇ ଯେ ସୂର୍ଯ୍ୟ ଉଏଁ'ନାଟକର ପ୍ରଥମ ପର୍ବରେ ବିଦ୍ରୋହୀ ସଚ୍ଚୋଟ ନେତା ସାଧୁଚରଣ, ଦ୍ୱିତୀୟ ପର୍ବରେ ଚରିତ୍ରହୀନ ଦୁର୍ନୀତିଗ୍ରସ୍ତ ବିଧାୟକ ସାଧୁଚରଣରେ ରୂପାୟିତ । ମନୁଷ୍ୟର ବାହ୍ୟରୂପ ଓ ଆଭ୍ୟନ୍ତରୀଣରୂପ ଦର୍ଶାଇବା ପାଇଁ 'ରାବଣ ଛାୟା'ରେ ନାଟ୍ୟକାର ତ୍ରିପାଠୀ ଗୋଟିଏ ବ୍ୟକ୍ତିଦ୍ୱାରା ସଂପୂର୍ଣ୍ଣ ବିପରୀତଧର୍ମୀ ଦୁଇଟି ଚରିତ୍ରକୁ ଚିତ୍ରଣ କରାଇଛନ୍ତି । ଚରିତ୍ରର ରୂପାନ୍ତର କେବଳ ଶୈଳ୍ପିକ ଉତ୍କର୍ଷ ପ୍ରଦାନ କରିନାହିଁ, ବହୁବିଧ ଭାବଦ୍ୟୋତକ କରିବାର ମଧ୍ୟ ସହାୟକ ହୋଇଛି ।

**ଚରିତ୍ର ରୂପାନ୍ତରଣର ଅନ୍ୟ ଏକ ଦିଗ ସମ୍ପର୍କରେ: -**

ନାଟକରେ ଘଟଣାକ୍ରମରେ କେତେକ ଚରିତ୍ର ରୂପାନ୍ତରିତ ହେଉଛନ୍ତି ଏବଂ ଆଉ କେତେକ ଚରିତ୍ର ରୂପାନ୍ତର ନହୋଇ କି ସେମିତି ନାଟକର ଶେଷ ପର୍ଯ୍ୟନ୍ତ ରହିଯାଉଛନ୍ତି । ଯେପରି 'କଂସର ଆତ୍ମା' ନାଟକରେ ରୂପାନ୍ତର ହେଉନାହିଁ । ସେ ସେହି ସତ୍ୟ ନିଷ୍ଠତାକୁ ରଖିକିରି ଚାଲିଛି ସାରାଜୀବନ । ସତ୍ୟବ୍ରତ ପୌରାଣିକ ଓ ବର୍ତ୍ତମାନର କାଳରେ ସେହି ସତ୍ୟବ୍ରତ ହୋଇକି ରହିଛି ଏବଂ ଏହା ଚିରନ୍ତନ କଥା । ସେହିପରି 'ଶୋଣିତ ସ୍ୱାକ୍ଷର'ରେ ମଧ୍ୟ ବଦଳୁନାହିଁ ଶ୍ରୀଧର ଓ ଧନଞ୍ଜୟ ଚରିତ୍ର । ଯିଏ ସଂଘର୍ଷ କରୁଛି, ବିପ୍ଳବ କରୁଛି ତାହାର ପରିବର୍ତ୍ତନ ନାହିଁ । ସେମାନେ ପରିସ୍ଥିତି ସହିତ ଲଢୁଛନ୍ତି,ସଂଘର୍ଷ କରୁଛନ୍ତି । 'ସାମ୍ରାଜ୍ୟ ପତନର ବେଳ'ରେ ମଧ୍ୟ ଭୋଜ ଚରିତ୍ରଟି ପରିବର୍ତ୍ତନ ହୋଇନାହିଁ,ଗାଁ ଲୋକମାନଙ୍କ ପ୍ରତି ଥିବାଭଲପାଇବା ନିଷ୍ଠା ଓ ସଚ୍ଚୋଟତା ତାକୁ ନାଟକର ଶେଷ

ପର୍ଯ୍ୟନ୍ତ ଅପରିବର୍ତ୍ତିତ ରଖିଛି । ବେଳେବେଳେ ନାଟକରେ ଚରିତ୍ର ମଞ୍ଚକୁ ନ ଆସି ମ୍ଭ ଚରିତ୍ର ପ୍ରତୀକ ହୋଇକି ଆସୁଛି । ମଞ୍ଚରେ ରୂପାନ୍ତର ନହୋଇ ରୂପାନ୍ତର ହେଉଛି ଚେତନାରେ । ବିଜୟକୁମାର ଶତପଥୀଙ୍କ 'କୋକୁଆ' ଏଥିରେ କୋକୁଆ ଆତଙ୍କ ଭୟ ବିଭିଷିକାର ପ୍ରତୀକ ହୋଇ ଆସୁଛି ମଞ୍ଚକୁ । ପୁରାଣ ଯୁଗର ଆତଙ୍କ ବିଭିଷିକାର ପ୍ରତୀକ କୋକୁଆକୁ ବର୍ତ୍ତମାନର ଆତଙ୍କବାଦ ବିଭିଷିକା ସହ ମିଶାଇ ଦିଆଯାଇଛି । କୋକୁଆ ଆତଙ୍କବାଦ ଓ ବିଭିଷିକାର ପ୍ରତୀକ ହୋଇ ଆସି ସୂଚାଇଦେଉଛି କୋକୁଆର ବିଦ୍ୟମାନତାକୁ । ଯାହାକୁ ନେଇ କାହାଣୀଟି ଲମ୍ବିଯାଇଛି ଶେଷ ପର୍ଯ୍ୟନ୍ତ ।

ଚରିତ୍ରର ରୂପାନ୍ତର ଆଧୁନିକ କାଳରେ ଓଡିଆ ନାଟକରେ ନୂଆ ରୂପରେ ପ୍ରଯୁକ୍ତ ହେଉଥିଲେ ମ୍ଭ ଏହାର ଭିତ୍ତିଭୂମି ପୁରାତନ । ସ୍ୱାଧୀନତା ପରବର୍ତ୍ତୀ କାଳରେ ଆତ୍ମପ୍ରକାଶ କରୁଛି । ଏବଂ ୧୯୮୦ ପରବର୍ତ୍ତୀ ସମୟରେ ପରିବ୍ୟାପ୍ତ ହେଉଛି । ଏହାର ନାନା ଦିଗନ୍ତ ଓ ବୈଚିତ୍ର୍ୟ ୧୯୮୦ ପରବର୍ତ୍ତୀ ଓଡିଆ ନାଟକରେ ଦେଖିବାକୁ ପାଉ । ଏହି ରୂପାନ୍ତର ଦ୍ୱାରା ପୌରାଣିକ ଚରିତ୍ର ରୂପାନ୍ତରିତ ହେଉଛି ଓ ଆଧୁନିକ ସମାଜର ମଣିଷ ଭଳି ଆଚରଣ କରୁଛି । ପାରମ୍ପରିକ ନାଟକର ଉପାଦାନକୁ ନୂତନ ଶୈଳୀରେ ଉପସ୍ଥାପନ କରି ନାଟକକୁ ଆବେଦନକ୍ଷମ କରିବା ସାମ୍ପ୍ରତିକ ନାଟକର ଏକ ମୁଖ୍ୟ ଧାରା ହୋଇସାରିଛି । ଚରିତ୍ର ରୂପାନ୍ତର ନାଟକୀୟ କଥାବସ୍ତୁର ବିକାଶ ଓ ଚମତ୍କାରିତା ସୃଷ୍ଟି କରିଛି । ନାଟ୍ୟଚରିତ୍ର ରୂପାନ୍ତର ଦ୍ୱାରା ନାଟକ ଉଭୟ ଆତ୍ମିକ ଓ ଆଙ୍ଗିକ କ୍ଷେତ୍ରରେ ସମୃଦ୍ଧ ହେବା ସହିତ ପ୍ରଦର୍ଶନ ପାଇଁ ନାଟକକୁ ସହଜ ଓ ନମନୀୟ କରିଛି । ଯାହା ଫଳରେ ଆଧୁନିକ ନାଟକର ବୈଚିତ୍ର୍ୟ ଅଧିକ ଭାବରେ ସ୍ପର୍ଶ କରୁଛି ପାଠକ ଓ ଦର୍ଶକମାନଙ୍କୁ ।

ପ୍ରାନ୍ତଟିକା:-


୧. ତ୍ରିପାଠୀ, ଶଙ୍କର: ମୁଖବନ୍ଧ, ଗାନ୍ଧୀ ଭୂମିକାରେ, ବାଦାମବାଡି, କଟକ, ଆର୍ଯ୍ୟ ପ୍ରକାଶନ, ୧୯୯୮ ।

୨. ସାହୁ, ନାରାୟଣ: ନାଟ୍ୟଚର୍ଚ୍ଚା, ବିନୋଦ ବିହାରୀ ବିଶୋଇ, ଭୁବନେଶ୍ୱର, କିତାବ ଭବନ, ୨୦୧୭, ପୃଷ୍ଠା-୨୧୧ ।

୩. ସାହୁ, ନାରାୟଣ: ନାଟ୍ୟଚର୍ଚ୍ଚା, ବିନୋଦ ବିହାରୀ ବିଶୋଇ, ଭୁବନେଶ୍ୱର, କିତାବ ଭବନ, ୨୦୧୭, ପୃଷ୍ଠା-୨୧୪ ।

୪. ଶତପଥୀ, ବିଜୟକୁମାର, ମୁଖବନ୍ଧ, କଂସର ଆତ୍ମା, ବାଖରାବାଦ୍, କଟକ, ସୁଧା ପ୍ରକାଶନ, ୨୦୧୨ ।

୫. ଶତପଥୀ, ବିଜୟକୁମାର , ଏଇ ଯେ ସୂର୍ଯ୍ୟ ଉଏଁ, ମୁଖବନ୍ଧ, ବାଙ୍କା ବଜାର, କଟକ, ଅଗ୍ରଦୂତ, ୨୦୧୮ ।

୬. ଜେନା, ରଶ୍ମିନନ୍ଦିତା, ୧୯୮୦ ପରବର୍ତ୍ତୀ ଓଡିଆ ନାଟକ: ସମାଜମାନସିକତା ଓ ଶିଳ୍ପଦୃଷ୍ଟି, ବାଙ୍କା ବଜାର, କଟକ, ଅଗ୍ରଦୂତ, ପୃଷ୍ଠା -୧୮୦ ।

୭. ତ୍ରିପାଠୀ, ଶଙ୍କର: ଗାନ୍ଧୀଭୂମିକାରେ, ଲିଙ୍କ୍ ରୋଡ୍, କଟକ, ଆର୍ଯ୍ୟାର ପ୍ରକାଶନ, ୧୯୯୮, ପୃଷ୍ଠା-୪୧ ।

୮. ତ୍ରିପାଠୀ, ଶଙ୍କର: ମୁଖବନ୍ଧ, ରାବଣ ଛାୟା, ବାଦାମବାଡି, କଟକ, ଆର୍ଯ୍ୟ ପ୍ରକାଶନ, ୨୦୦୦ ।

୯. ତ୍ରିପାଠୀ, ଶଙ୍କର, ତତ୍ରୈବ ।



କଳାଭୂଷଣ ସ୍ଥାୟୀ,

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ